ସମସ୍ତଙ୍କ କାହିଁକି ଓ କିପରି

ଦ୍ୱିତୀୟ ଭାଗ

ବଳରାମ ମହାନ୍ତି

Digitized by srujanika@gmail.com

Digitized by srujanika@gmail.com

ଦ୍ୱିତୀୟ ଭାଗ

ସମସ୍ତଙ୍କ କାହିଁକି ଓ କପରି ?

ବଳରାମ ମହାନ୍ତି

Digitized by srujanika@gmail.com

ପ୍ରକାଶକ :
ରାଷ୍ଟ୍ରଭାଷା ସମବାୟ ପ୍ରକାଶନ
ରାଷ୍ଟ୍ରଭାଷା ରୋଡ୍, କଟକ-୧

ପ୍ରଥମ ପ୍ରକାଶ :
୧୯୯୨

ମୁଦ୍ରଣ :
ରାଷ୍ଟ୍ରଭାଷା ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୧

ମୂଲ୍ୟ :
ଆଠ ଟଙ୍କା ।

Digitized by srujanika@gmail.com

ପୌରାଣିକ ଗଳ୍ପ ଓ ପର୍ବ ପର୍ବାଣି କାହିଁକି ?

ଆମ ଦେଶର ପ୍ରାଚୀନତମ ଶାସ୍ତ୍ର ବେଦ ଓ ଉପନିଷଦ୍‌ରେ ଯେଉଁସବୁ ମହାନ୍ ତତ୍ତ୍ୱମାନ ଲିପିବଦ୍ଧ କରାଯାଇଛି ତାହାକୁ ଆମେ ଦୈନନ୍ଦିନ ଜୀବନରେ ଅନୁସରଣ କରିଆସୁଛୁ । ମୌଳିକ ଶାସ୍ତ୍ରରେ ଏହି ତତ୍ତ୍ୱଗୁଡ଼ିକ ବୁଦ୍ଧିଜୀବୀମାନେ ବୁଝିଥିଲେ ମଧ୍ୟ ସାଧାରଣ ଲୋକଙ୍କ ପକ୍ଷରେ ଏହା ବୁଝିବା ସହଜ ନୁହେଁ । ପ୍ରାଚୀନ କାଳରେ ଶାସ୍ତ୍ରକାରମାନେ ମଧ୍ୟ ଏହା ଜାଣିଥିଲେ ତେଣୁ ସାଧାରଣ ଲୋକଙ୍କୁ ଏହା ବୁଝାଇବା ପାଇଁ ସେମାନେ ଏକ ଅଭିନବ ପନ୍ଥା ବାହାର କରିଥିଲେ-ତାହା ହେଉଛି ପୁରାଣ ରଚନା । ପୁରାଣଗୁଡ଼ିକ ଅନେକ ଗୁଡ଼ିଏ ଗଳ୍ପର ସମଷ୍ଟି । ଏହି ଗଳ୍ପରେ ଦେବାଦେବୀ ଓ ଅନ୍ୟାନ୍ୟ ଚରିତ୍ରମାନ ରହିଛି । ଏହି ଦେବାଦେବୀ ଅଦ୍‌ଭୁତ ଶକ୍ତି ସମ୍ପନ୍ନ ହେଲେ ମଧ୍ୟ ସାଧାରଣ ମନୁଷ୍ୟଙ୍କ ପରି ସେମାନଙ୍କର ଘରସଂସାର ଅଛି, ସେମାନଙ୍କୁ ମନୁଷ୍ୟର ନିକଟବର୍ତ୍ତୀ କରିବାପାଇଁ ଏପରି ଉଦ୍ୟମ କରାଯାଇଛି । ତେଣୁ ପୁରାଣରେ ଗଳ୍ପ ଅବତାରଣା ପଛରେ ଭାରତୀୟ ମହାନ ଦର୍ଶନର ଗୂଢ଼ ତତ୍ତ୍ୱ ଗୁଡ଼ିକୁ ବୁଝାଇବାର ଉଦ୍ଦେଶ୍ୟ ରହିଛି ବୋଲି ଜାଣି ପୁରାଣମାନ ଅଧ୍ୟୟନ କଲେ ଏହାର ଉଦ୍ଦେଶ୍ୟ ସାର୍ଥକ ହେବ । କେବଳ ଦୃଷ୍ଟାନ୍ତ ସ୍ୱରୂପ କେତୋଟି ପୌରାଣିକ କାହାଣୀ ଏହି ଦୃଷ୍ଟିରୁ ବୁଝାଇବାପାଇଁ ଏହି ପୁସ୍ତକରେ ଉଦ୍ୟମ କରାଯାଇଛି । ଏହି ବିଷୟଗୁଡ଼ିକରୁ କେତେକ 'ସମାଜର' ରବିବାର ସଂଖ୍ୟାରେ ପ୍ରକାଶ ପାଇଥିଲା ।

ସେହିପରି ଆମର ପର୍ବ ପର୍ବାଣୀଗୁଡ଼ିକ ବହୁ ଅତୀତ କାଳରୁ ଚାଲି ଆସିଥିଲେ ମଧ୍ୟ ଏହାର ଯେ ଭୌଗୋଳିକ କାରଣମାନ ରହିଛି ଏବଂ ଏହା ଆମ ଦେଶର କୃଷି ସଭ୍ୟତାର ଓ ସଂସ୍କୃତିର ଅବଶେଷ ମାତ୍ର ତାହା ଆମେ ଜାଣିପାରୁନାହୁଁ । ବୈଜ୍ଞାନିକ ଦୃଷ୍ଟିକୋଣରୁ ପର୍ବ ପର୍ବାଣୀ, ଅନୁଷ୍ଠାନ, ଏହାର ନିର୍ଦ୍ଦିଷ୍ଟ ସମୟ ଓ ଏଥିରେ ବ୍ୟବହୃତ ଖାଦ୍ୟ ପଦାର୍ଥର ଆଲୋଚନା ଆବଶ୍ୟକ । ଏହି ପୁସ୍ତକରେ କେତୋଟି ମାତ୍ର ପର୍ବ ପର୍ବାଣି ସମ୍ବନ୍ଧରେ ଆଲୋଚନା କରାଯାଇଛି ।

୧୧୩ ବାପୁଜୀ ନଗର
ଭୁବନେଶ୍ୱର

ବିନୀତ
ବଳରାମ ମହାନ୍ତି

Digitized by srujanika@gmail.com

ସୂଚିପତ୍ର

ବିଷୟ	ପୃଷ୍ଠା
୧ । ଶ୍ରୀଜଗନ୍ନାଥଙ୍କର ଚକାଡୋଳା କାହିଁକି ହେଲା ?	୫
୨ । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି କାହିଁକି ଖଣ୍ଡିଆ ହେଲା ?	୮
୩ । ପେଚା କାହିଁକି ଲକ୍ଷ୍ମୀଙ୍କ ବାହନ ହେଲା ?	୧୧
୪ । ହଂସ କାହିଁକି ସରସ୍ୱତୀଙ୍କର ବାହନ ହେଲା ?	୧୩
୫ । ତାଙ୍କ ନାଁ ଧ୍ରୁବ କାହିଁକି ହେଲା ?	୧୬
୬ । ତା ନା ବଡ଼ଓଷା ହେଲା କାହିଁକି ?	୧୮
୭ । ପ୍ରଥମାଷ୍ଟମୀରେ ପ୍ରଥମ କିଏ ?	୨୦
୮ । ମାଣ ଭିତରେ କିଏ ବସିଥାନ୍ତି ?	୨୨
୯ । ଦୋଳ ପୂର୍ଣ୍ଣିମାରେ ଠାକୁର ଆମ ଘରେ କି ଭୋଗ ଖାଆନ୍ତି ?	୨୪
୧୦ । ରଜରେ ପଜବାଜ କାହିଁକି ହୁଏ ?	୨୬
୧୧ । ବର୍ଷାଦିନେ ଅଧିକ ପର୍ବ କାହିଁକି ପଥାଏ ?	୨୮
୧୨ । ଦୁତିବାହନ ପୂଜା ଓ ଘାଣ୍ଟ ତରକାରି କାହିଁକି ହୁଏ ?	୩୦
୧୩ । ଶୀତଦନ ସଙ୍କ୍ରାନ୍ତିରେ କି ଭୋଗ ହୁଏ ?	୩୧
୧୪ । ବର୍ଷା ଓ ଶରତ ଋତୁର ଐତିହାସିକ ଓ ପୌରାଣିକ ପର୍ବ	୩୩
୧୫ । ସମସ୍ତଙ୍କ ଘରେ ତୁଳସୀ ଚଉରାଟିଏ ଥାଏ କାହିଁକି ?	୩୫
୧୬ । ଗାଈକୁ କାହିଁକି ପୂଜା କରାଯାଏ ?	୩୮

* * *

Digitized by srujanika@gmail.com

ଶ୍ରୀ ଜଗନ୍ନାଥଙ୍କର ଚକାଡୋଳା କାହିଁକି ହେଲା ?

ଆଖି ମନୁଷ୍ୟ ତଥା ଦେବତାଙ୍କର ଗୋଟିଏ ଅତ୍ୟାବଶ୍ୟକ ଓ ସୂକ୍ଷ୍ମ ଅଙ୍ଗ । ଏହା ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବହୁ ଅତ୍ୟାବଶ୍ୟକ କାମ କରିଥାଏ । ସେଥିପାଇଁ ବହୁ ଅତୀତ କାଳରୁ ଚିତ୍ର ଶିଳ୍ପୀ ଓ ପଥର ଶିଳ୍ପୀମାନେ ମନୁଷ୍ୟ ଓ ଦେବାଦେବୀଙ୍କ ମୂର୍ତ୍ତିରେ ସମାନୁପାତ ରକ୍ଷା କରି ଆଖି ଦୁଇଟିକୁ ସୁନ୍ଦର କରି ଅଙ୍କନ କରିଥାନ୍ତି । ଆଜକୁ ହଜାର ବର୍ଷ ତଳେ ଓଡ଼ିଶାର ଶିଳ୍ପୀମାନେ ପଥରରେ ଯେଉଁ ସବୁ ମନୁଷ୍ୟ ଓ ଦେବାଦେବୀଙ୍କ ଆଖିର ଚିତ୍ର ଅଙ୍କନ କରିଛନ୍ତି ତାହା ମୂର୍ତ୍ତିଗୁଡ଼ିକର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଆସିଛି ।

ପ୍ରାୟ ଆଠ ଶହ ବର୍ଷତଳେ ଓଡ଼ିଶାରେ ଗଙ୍ଗ ବଂଶଙ୍କ ରାଜତ୍ୱ କାଳରେ ଯେତେବେଳେ କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ଏକ ସମୟରେ ନିର୍ମିତ ହେଲା ସେଥିରେ ଶହ ଶହ ସଂଖ୍ୟାରେ ମନୁଷ୍ୟ ଓ ଦେବାଦେବୀଙ୍କ ମୂର୍ତ୍ତି ନିର୍ମିତ ହୋଇଥିଲା ଏବଂ ସେହି ମୂର୍ତ୍ତିର ଆଖିଗୁଡ଼ିକ ଠିକ୍ ମନୁଷ୍ୟର ଆଖି ଅନୁସରଣରେ ଗଢ଼ା ଯାଇଛି ମାତ୍ର ସେହି ସମୟରେ ନିର୍ମିତ ଶ୍ରୀ ଜଗନ୍ନାଥଙ୍କ ଆଖି ଦୁଇଟି ଗୋଲକାରରେ ନିର୍ମିତ ହୋଇଛି । ମନୁଷ୍ୟର ଆଖି ଏବଂ ସେହି ଆଖି ଅନୁସରଣରେ ନିର୍ମିତ ଦେବାଦେବୀଙ୍କ ଆଖିର ଦୁଇଟି ପତା ଓ ମଝିରେ ଥାଏ ଆଖି ଡୋଳା ଓ ତା ଭିତରେ ଥାଏ ଆଖି ପୁଅ । ମାତ୍ର ଶ୍ରୀ ଜଗନ୍ନାଥଙ୍କ ଆଖି ଦୁଇଟି ଗୋଲ । ଯେଉଁ ଓଡ଼ିଆ ଶିଳ୍ପୀମାନେ ଶତାଧିକ ମନ୍ଦିରରେ ଅଗଣିତ ମୂର୍ତ୍ତିରେ ସୁନ୍ଦର ସୁନ୍ଦର ସମାନୁପାତ ବିଶିଷ୍ଟ ଆଖିମାନ ନିର୍ମାଣ କରିଛନ୍ତି, ସେମାନେ କ'ଣ ଶ୍ରୀ ଜଗନ୍ନାଥଙ୍କ ଆଖିକୁ ସେହିଭଳି ସୁନ୍ଦରଭାବରେ ନିର୍ମାଣ କରିପାରିନଥାନ୍ତେ । ଏପରି ଗୋଲକରି କାହିଁକି ନିର୍ମାଣ କଲେ । ନିଶ୍ଚିତ ଭାବରେ ଏହା ଏକ ନିର୍ଦ୍ଦିଷ୍ଟ ପରିକଳ୍ପନା ଅନୁସାରେ କରାଯାଇଛି ।

Digitized by srujanika@gmail.com

ଯେଉଁ ମହାନ୍ ଶିଳ୍ପୀ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତିଟି ପରିକଳ୍ପନା କରିଛି, ସେ ଏହି ମୂର୍ତ୍ତିଟିର ଆଖି ଦୁଇଟି କେମିତି ହେବ ତାହା ଚିନ୍ତା କରିଥିବ । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଟି କୌଣସି ମନୁଷ୍ୟର ରୂପ ବା ଆକାର ନୁହେଁ । ଏହା ନିରାକାରକୁ ଆକାର ଦେବାପାଇଁ, ଅରୂପକୁ ରୂପ ଦେବାପାଇଁ ଏକ ପରିକଳ୍ପନା । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକୁ ପରମବ୍ରହ୍ମଙ୍କର ସ୍ୱରୂପ ଭାବରେ ପରିକଳ୍ପନା କରାଯାଇଛି । ପରମବ୍ରହ୍ମଙ୍କର ତ ରୂପ ନାହିଁ, ବା ଆକାର ନାହିଁ ତେଣୁ ତାଙ୍କର ଆଖି କୁଆଡୁ ଆସିବ ?



ତାଙ୍କର ରୂପ ବା ଆକାର ନ ଥିଲେ ମଧ୍ୟ ସେସବୁ ଦେଖି ପାରୁଛନ୍ତି । ସବୁ ଶୁଣି ପାରୁଛନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେଣୁ କପର ଆଖି ହେଲେ ତାହା ସବୁବେଳେ ସବୁ କଥା ଦେଖି ପାରିବ ସେହିପରି ଆକାରର ଆଖି ଦୁଇଟି ତିଆରି ହେଲା । ମନୁଷ୍ୟ ବା ଦେବାଦେବୀଙ୍କ ପରି ଉପରେ ଓ ତଳେ ଦୁଇଟି ପତା ଥାଇ ଆଖି ଦୁଇଟି ଗଢ଼ା ହୋଇଥିଲେ ସେ ପତା ପଡ଼ିଯାଆନ୍ତା ତେଣୁ ତାହା ସବୁବେଳେ ଜାଗ୍ରତ ରହି ସବୁ ଦେଖି ପାରନ୍ତା ନାହିଁ । ତେଣୁ ଶିଳ୍ପୀ ଶ୍ରୀ ଜଗନ୍ନାଥଙ୍କ ଆଖି ଦୁଇଟିକୁ ଗୋଲକରି ଗଢ଼ିଲା । ଗୋଲକରି ଗଢ଼ା ହୋଇଥିବା ଆଖି ପତା ପଡ଼ିପାରିବ ନାହିଁ । ଏହା ସବୁବେଳେ ଖୋଲା ହୋଇ ରହିଥିବ ଏବଂ ସବୁ ଦେଖୁଥିବ । ପରମବ୍ରହ୍ମଙ୍କ ସ୍ୱରୂପ ଶ୍ରୀ ଜଗନ୍ନାଥ ଏହିପରି ଚକାଡୋଳାରେ ସବୁବେଳେ ସବୁକଥା ଦେଖୁଛନ୍ତି, ତାଙ୍କ ପତା ପଡ଼ିବାର ଉପାୟ ନାହିଁ ।

Digitized by srujanika@gmail.com

ମନୁଷ୍ୟ କର୍ମକ୍ଳାନ୍ତ ହୋଇପଡ଼ିଲେ ବିଶ୍ରାମ ନେବାକୁ ବାଧ ହେଉଛି । ସେତେବେଳେ ତା ଆଖିର ଦୁଇପତା ବୁଜି ହୋଇଯାଉଛି ସେ ବିଶ୍ରାମ ନେଉଛି । ମାତ୍ର ଶ୍ରୀ ଜଗନ୍ନାଥ ତ ମନୁଷ୍ୟ ନୁହନ୍ତି, ସେ କିପରି ବିଶ୍ରାମ ନେବେ । ତାଙ୍କର ବିଶ୍ରାମ ନାହିଁ । ତାଙ୍କର ଚକାଡୋଳା ସବୁବେଳେ ମେଲା ହୋଇ ରହିଥାଏ । ତେଣୁ ସେ ସବୁବେଳେ ସବୁ ଦେଖୁଥାନ୍ତି । ଯୁଗ ଯୁଗ ଧରି ଶ୍ରୀ ଜଗନ୍ନାଥଙ୍କର ଏହି ଚକାଡୋଳା ଅଗଣିତ ଭକ୍ତଙ୍କୁ, ସାଧକଙ୍କୁ, କବି ଓ ଶିଳ୍ପୀଙ୍କୁ ମୁଗ୍ଧ କରିଆସିଛି, ପ୍ରେରଣା ଦେଇ ଆସିଛି । ସହର ସଭ୍ୟତାର ବର୍ତ୍ତମାନ ଯୁଗରେ ଚକାଡୋଳାକୁ ବ୍ୟବସାୟ ପ୍ରସାର କାର୍ଯ୍ୟରେ ମଧ୍ୟ ବିନିଯୋଗ କରିବା ପାଇଁ ଉଦ୍ୟମ କରାଗଲାଣି । ଜିନିଷ ଉପରେ ଚକାଡୋଳା ଛବି ଛପା ଯାଉଛି, ନିରାପତ୍ତା ନିମନ୍ତେ ନିଶ୍ଚିତ ହେବାପାଇଁ ଚକାଡୋଳା ଛବି ମଠର ଆଗରେ ମରାଯାଉଛି । ଚକାଡୋଳା ନାଁରେ କେତେ ସୁନ୍ଦର କବିତାମାନ ରଚିତ ହେଉଛି ଓ ପତ୍ରପତ୍ରିକାମାନ ପ୍ରକାଶ ପାଉଛି । ଧନ୍ୟ ସେହି ଶିଳ୍ପୀ ଯିଏ ନିରାକାରକୁ ଆକାର ଦେଇପାରିଲା, ଅରୂପକୁ ରୂପ ଦେଇପାରିଲା ଏବଂ ନିରାକାରଙ୍କର ଆଖି ଦୁଇଟି ଗଢ଼ି ଦେଇ ପାରିଲା ।

Digitized by srujanika@gmail.com

ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତିଟି କାହିଁକି ଖଣ୍ଡିଆ ହେଲା ?

ଓଡ଼ିଶାବାସୀଙ୍କର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଟି ହିନ୍ଦୁମାନଙ୍କ ବ୍ୟତୀତ ଅନ୍ୟ ଧର୍ମସମ୍ପ୍ରଦାୟର ଲୋକଙ୍କୁ କିମ୍ଭୂତକିମାକାର ବୋଲି ମନେ ହେବା ସ୍ୱାଭାବିକ । ହିନ୍ଦୁମାନଙ୍କ ମନରେ କାଳେ ଆଘାତ ଲାଗିବ ତେଣୁ ସେମାନେ ଏ ବିଷୟରେ କିଛି ପ୍ରକାଶ୍ୟରେ କହନ୍ତି ନାହିଁ, ମାତ୍ର ଯିଏ ହିନ୍ଦୁ ଦେବାଦେବୀଙ୍କ ମୂର୍ତ୍ତିସବୁ ଦେଖିଛନ୍ତି ସେମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଟି ଦେଖି ବିସ୍ମିତ ହୁଅନ୍ତି । ସେମାନେ ଭାବିବା ସ୍ୱାଭାବିକ ଯେ ଯେଉଁ ଓଡ଼ିଆ ଶିଳ୍ପୀମାନେ ବିଶ୍ୱ ବିଖ୍ୟାତ କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ଜଗନ୍ନାଥ ମନ୍ଦିର ଏବଂ ମନ୍ଦିରର କଠିନ ପଥର ଉପରେ କାରୁକାର୍ଯ୍ୟଖଚିତ ଚମତ୍କାର ମୂର୍ତ୍ତିମାନ ନିର୍ମାଣ କରି ବିଶ୍ୱବାସୀଙ୍କୁ ବିସ୍ମିତ କରିଛନ୍ତି, ସେମାନେ କଣ ଶ୍ରୀଜଗନ୍ନାଥଙ୍କର ଗୋଟିଏ କାରୁକାର୍ଯ୍ୟଖଚିତ ସୁନ୍ଦର ଓ ସୌମ୍ୟମୂର୍ତ୍ତିଟିଏ ଗଢ଼ି ଦେଇ ପାରି ନ ଥାନ୍ତେ ? ସେମାନେ କାହିଁକି ଏମିତି ମୂର୍ତ୍ତିଟିଏ ତିଆରି କଲେ ଯାହାଙ୍କର ହାତଟି କହୁଣି ପର୍ଯ୍ୟନ୍ତ ଗଢ଼ା ହୋଇଛି, ମୁଣ୍ଡଟି ଚେପ୍ଟା ହୋଇଛି ଓ ଆଖି ଦୁଇଟି ଗୋଲ ହୋଇଛି । ଯେଉଁ ଶିଳ୍ପୀ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଟି ହାତ କହୁଣି ପର୍ଯ୍ୟନ୍ତ ଗଢ଼ିଲା ସେ କ'ଣ ଆଙ୍ଗୁଠି ପର୍ଯ୍ୟନ୍ତ ଗଢ଼ି ପାରି ନ ଥାନ୍ତା, ମୁଣ୍ଡଟିକୁ ଚେପ୍ଟା ନ କରି ଚାନ୍ଦି ପର୍ଯ୍ୟନ୍ତ ଗଢ଼ି ପାରି ନ ଥାନ୍ତା । ସେ ଏପରି ଖଣ୍ଡିଆ କରି ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଛାଡ଼ି ଦେଲା କାହିଁକି ? ମୂର୍ତ୍ତିଟି ମନୁଷ୍ୟ ମୂର୍ତ୍ତି ନୁହେଁ କି ଦେବତା ମୂର୍ତ୍ତି ନୁହେଁ ।

ଶ୍ରୀଜଗନ୍ନାଥଙ୍କୁ ପରଂବ୍ରହ୍ମ ସ୍ୱରୂପ ଭାବେ କଳ୍ପନା କରି ଏହି ମୂର୍ତ୍ତିଟି ଗଢ଼ା ଯାଇଥିବାରୁ ମୂର୍ତ୍ତିଟିର ରୂପ ଏହିପରି ହୋଇଛି । ଭାରତୀୟ ଧର୍ମ ଓ ଦର୍ଶନ ଶାସ୍ତ୍ରରେ ପରମ ବ୍ରହ୍ମଙ୍କର ଯେଉଁ ବର୍ଣ୍ଣନା ରହିଛି

Digitized by srujanika@gmail.com

ସେଥିରେ ସେ ଅରୂପ ଓ ନିରାକାର । ଯାହାଙ୍କର ରୂପ ନାହିଁ କି ଆକାର ନାହିଁ ତାଙ୍କର ହାତ, ଗୋଡ଼, ମୁହଁ ବା ଆଖି କେଉଁଠୁ ଆସିବ ? ପୁଣି ପରମବ୍ରହ୍ମଙ୍କର ଆକାର ବା ରୂପ ନଥିଲେ ମଧ୍ୟ ସେ ସବୁ ଦେଖନ୍ତି, ସବୁ ଶୁଣନ୍ତି ଓ ସର୍ବବ୍ୟାପୀ ବୋଲି ବର୍ଣ୍ଣିତ ହୋଇଛନ୍ତି । ଏହି ଅରୂପ ଓ ନିରାକାର ପରମବ୍ରହ୍ମଙ୍କୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ରୂପ ବା ଆକାର

ଦେବାପାଇଁ ଶିଳ୍ପୀ ଉଦ୍ୟମ କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ହାତକୁ ଖଣ୍ଡିଆ କରି ରଖି ଦିଆଗଲା ଓ ମୁଣ୍ଡକୁ ତାଳୁ ପର୍ଯ୍ୟନ୍ତ ନନେଇ ଚେପଟା କରି ରଖି ଦିଆଗଲା ଏଇଆ ଦେଖାଇବାପାଇଁ ଯେ ତାଙ୍କ ହାତ ବା ମୁଣ୍ଡ ଏଇଠି ଶେଷ ହୋଇ ନାହିଁ; ଏହା ସର୍ବବ୍ୟାପୀ । ସେହିପରି ଆଖିକୁ ଗୋଲ କରି ଗଢ଼ା ହୋଇଛି, ଏଥିପାଇଁ ଯେ ସେ ଆଖିପତା ପଡ଼ିବ ନାହିଁ, ସବୁବେଳେ ଜାଗ୍ରତ ହୋଇ ରହିଥିବ । ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତିଟି ଗୋଟିଏ ଅରୂପର ରୂପ ବା ରୂପ ଭିତରେ ଅରୂପର କଳ୍ପନା । ଏହି ମୂର୍ତ୍ତିଟି ଗୋଟିଏ ଆକାର ମାତ୍ର । ଏହା ନିରାକାରଙ୍କର ହିଁ ଆକାର । ମୂର୍ତ୍ତିଟିର ପରିକଳ୍ପନା ଯିଏ କରିଥାଏ ବା ଯେଉଁ ଶିଳ୍ପୀ ତାକୁ ଗଢ଼ିଥାଏ ସେହି

Digitized by srujanika@gmail.com

ପରିକଳ୍ପନା ସଫଳ ହୋଇ ବହୁ ଯୁଗ ଯୁଗ ଧରି ଅଗଣିତ ଧର୍ମପ୍ରାଣ ଲୋକଙ୍କୁ ଭାବବହ୍ୱଳ କରିଆସିଛୁ । ଏହି ମୂର୍ତ୍ତିଟି ମୂର୍ତ୍ତିପୂଜାରେ ବିଶ୍ୱାସ କରୁ ନ ଥିବା ବୌଦ୍ଧ ଓ ଜୈନ, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ବୈଷ୍ଣବ ରାମାନୁଜ ଓ ଶ୍ରୀଚୈତନ୍ୟ, ଶୂନ୍ୟ ଧର୍ମୀ ମହିମା- ଧର୍ମାବଲମ୍ବୀ ସମସ୍ତଙ୍କର ଆରାଧ୍ୟ ଦେବତା ହୋଇପାରିଛୁ । ଧନ୍ୟ ସେହି ଶିଳ୍ପୀ ଯେ ଅରୂପକୁ ରୂପ ଦେଇ ପାରିଲା, ନିରାକାରକୁ ଆକାର ଦେଇ ପାରିଲା, ଶୂନ୍ୟକୁ ସାକାର କରିପାରିଲା, ସର୍ବୋପରି ପରମବ୍ରହ୍ମଙ୍କର ମୂର୍ତ୍ତିଟିଏ ଗଢ଼ି ଦେଇ ପାରିଲା ।

• • •

Digitized by srujanika@gmail.com

ପେଚା କାହିଁକି ଲକ୍ଷ୍ମୀଙ୍କ ବାହାନ ହେଲା ?

ପୁରାଣ ବର୍ଣ୍ଣିତ ସବୁ ଦେବାଦେବୀଙ୍କର ଗୋଟିଏ ବାହାନ ଅଛି । ଦେବାଦେବୀଙ୍କ ଭିତରୁ ଲକ୍ଷ୍ମୀଙ୍କର ବାହନ ପେଚାପକ୍ଷୀ । ପେଚାପକ୍ଷୀ ଲକ୍ଷ୍ମୀଙ୍କର କାହିଁକି ବାହାନ ହେଲା ତାହା ଆମେ କେବେ ଚିନ୍ତା କରୁନା । ଲକ୍ଷ୍ମୀଙ୍କସହିତ ପେଚାପକ୍ଷୀର ମଧ୍ୟ ପୂଜା କରାଯାଏ । ଦେବଦେବୀମାନେ ନିଜ ବାହାନକୁ ସେମାନେ ନିଜେ ବାଛିଥିବେ । ଲକ୍ଷ୍ମୀ କାହିଁକି ପେଚାକୁ ନିଜ ବାହନରୂପେ ବାଛିଲେ ? ଲକ୍ଷ୍ମୀ ହେଲେ ଧନସମ୍ପଦ ଓ ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ । ସେ ଚାହିଁଥିଲେ ଗୋଟିଏ ସୁନ୍ଦର ପଶୁ ବା ପକ୍ଷୀଙ୍କୁ ତାଙ୍କ ବାହାନରୂପେ ବାଛି ପାରିଥାନ୍ତେ ।

ପେଚା ସୁନ୍ଦର ନୁହେଁ କି ଶୁଭଙ୍କରୀ ନୁହେଁ । ଅସୁନ୍ଦର ମୁହଁର ଉପମା ଦେବାକୁ ଖୋଜିଲାବେଳେ ପେଚାର ମୁହଁ କଥା ମନେ ପଡ଼ିଯାଏ । ତେଣୁ

Digitized by srujanika@gmail.com

ଅସୁନ୍ଦର ମୁହଁକୁ ପେଚା ମୁହଁ ବୋଲି କୁହାଯାଇଥାଏ । ପେଚାରାବ ସେହିଭଳି ଅତି ଅଶୁଭଲକ୍ଷଣସୂଚକ । ଘରୁ ବାହାରିଲା ବେଳକୁ ଯଦି ପେଚା ଦେଖାଦେଇ ଦେଲା ତାହେଲେ ଯାହା ନିଶ୍ଚିତଭାବରେ କିଛି ସମସ୍ତ ବନ୍ଦ ହୋଇଯିବ । ଏପରି ପକ୍ଷୀଟିଏ କାହିଁକି ଧନ ଓ ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀଙ୍କର ବାହନ ହେଲା ?

ରୂପରେ ନ ହେଲେ ମଧ୍ୟ ଗୁଣରେ ଲକ୍ଷ୍ମୀଙ୍କସହିତ ପେଚାର ସାମଞ୍ଜସ୍ୟ ରହିଛି । ସେଥିପାଇଁ ଲକ୍ଷ୍ମୀ ପେଚାକୁ ବାହନରୂପେ ବାଛିଛନ୍ତି । ପେଚାକୁ ଦିନରେ ଦେଖାଯାଏ ନାହିଁ ରାତିରେ ହିଁ ଦେଖାଯାଏ । ଏହାର ତାତ୍ପର୍ଯ୍ୟ ହେଲା- ଦିନ ହେଉଛି ଆଲୋକ ଅର୍ଥାତ୍ ଜ୍ଞାନର ପ୍ରତୀକ । ଲକ୍ଷ୍ମୀ ଯାହାଙ୍କୁ ଆଶ୍ରୟ କରନ୍ତି ଅର୍ଥାତ୍ ଯେ ଧନୀ ବା ସମ୍ପଦଶାଳୀ ହୁଏ ତାକୁ ପେଚାପକ୍ଷୀପରି ଆଲୋକ ବା ଜ୍ଞାନ ଦେଖାଯାଏ ନାହିଁ, ଯିଏ ଧନ ମତ୍ତ ହୋଇଯାଆନ୍ତି ବା ଧନସମ୍ପତ୍ତିକୁ ଜୀବନର ସର୍ବସ୍ୱ ବୋଲି ମନେ କରନ୍ତି ତାଙ୍କର ବିଦ୍ୟାପ୍ରତି ବା ଜ୍ଞାନ ଅର୍ଜନ ପ୍ରତି ଆଗ୍ରହ ନ ଥାଏ, ବ୍ୟାକୁଳତା ନ ଥାଏ; ତେଣୁ ତାଙ୍କୁ ପେଚାପରି ଆଲୋକ ଦେଖାଯାଏ ନାହିଁ । ଅନ୍ଧକାର ହିଁ ଦେଖାଯାଏ । ସେହିଭାବରେ ଲକ୍ଷ୍ମୀଙ୍କ ଗୁଣସହିତ ପେଚା ପକ୍ଷୀ ଗୁଣର ସାମଞ୍ଜସ୍ୟ ରହିଛି ।

ଧନୀ ଓ ଜ୍ଞାନୀଙ୍କ ଗୁଣ ଭିତରେ ଯେଉଁ ଅସାମଞ୍ଜସ୍ୟ ରହିଛି ତାକୁ ସାଧାରଣ ଲୋକଙ୍କୁ ଗଳ୍ପ ଆକାରରେ ବୁଝାଇବାପାଇଁ ଲକ୍ଷ୍ମୀଙ୍କ ପେଚା ବାହନ ହୋଇଛି । ନିଶ୍ଚିତଭାବରେ ଏହାର ବ୍ୟତିକ୍ରମ ରହିଛି । ସବୁ ଧନୀ ବା ସମ୍ପଦଶାଳୀ ଲୋକେ ବିଦ୍ୟା ବା ଜ୍ଞାନ ପ୍ରତି ବୀତସ୍ପୃହ ନୁହନ୍ତି । ପୁରାଣଯୁଗରେ କେତେକ ଧନୀଲୋକ ଓ ରାଜା, ମହାରାଜା ବିଦ୍ୱାନମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥିବା କାହାଣୀ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି । କେବଳ ଧନମତ୍ତ ବ୍ୟକ୍ତି, ଧନସର୍ବସ୍ୱ ଲୋକଙ୍କ ଆଚରଣ ଏହିପରି ହୋଇଥାଏ । ଭାରତୀୟ ଦର୍ଶନର ମହାନ୍ ତତ୍ତ୍ୱଗୁଡ଼ିକୁ ଗଳ୍ପ ଆକାରରେ ଲୋକଙ୍କୁ ଶିକ୍ଷାଦେବା ଉଦ୍ଦେଶ୍ୟରେ ହିଁ ପୁରାଣଗୁଡ଼ିକୁ ରଚନା କରାଯାଇଥିଲା ।

Digitized by srujanika@gmail.com

ହଂସ କାହିଁକି ସରସ୍ୱତୀଙ୍କର ବାହାନ ହେଲା ?

ସରସ୍ୱତୀ ହେଲେ ବିଦ୍ୟା ଓ ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ । ସେଥିପାଇଁ ବିଦ୍ୟାର୍ଥୀମାନେ ସରସ୍ୱତୀଙ୍କୁ ପୂଜା କରିଥାନ୍ତି । ସମଗ୍ର ଭାରତ ବର୍ଷରେ ବର୍ଷକୁ ଥରେ ମହାସମାରୋହରେ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୁଏ । ଏହା ମୁଖ୍ୟତଃ ବିଦ୍ୟାର୍ଥୀମାନଙ୍କର ପୂଜା । ସରସ୍ୱତୀଙ୍କ ସହିତ ତାଙ୍କ ବାହାନ ହଂସ ପକ୍ଷୀର ମଧ୍ୟ ଯଥାବିଧି ପୂଜା ହୁଏ । ସରସ୍ୱତୀ କାହିଁକି ଏତେ ପଶୁପକ୍ଷୀଙ୍କ ଭିତରୁ ହଂସ ପକ୍ଷୀକୁ ତାଙ୍କ ବାହନରୂପେ ବାଛିଲେ । ପୁରାଣରେ ବର୍ଣ୍ଣିତ ସରସ୍ୱତୀଙ୍କ ଗୁଣ ଓ କାର୍ଯ୍ୟସହିତ

ହଂସପକ୍ଷୀର କାର୍ଯ୍ୟର ସାମଞ୍ଜସ୍ୟ ଥିବାରୁ ହିଁ ସେ ତାକୁ ବାହାନରୂପେ ବାଛିଛନ୍ତି ।

Digitized by srujanika@gmail.com

କଥିତ ଅଛି ଯେ ପାଣି ଓ ଦୁଧକୁ ଏକାଠି ମିଶାଇ ରଖିଦେଲେ ହଂସ ସେଥିରୁ ଦୁଧକୁ ଅଲଗା କରି ପିଇଦେବ ଏବଂ ପାଣି ରହିଯିବ । ଏହାର ଅର୍ଥ ଦୁଧ ଗୋଟିଏ ସାର ଜିନିଷ, ପାଣିଠାରୁ ଏହା ଅଧିକ ସାରଯୁକ୍ତ । ଏହି ସାର ଓ ଅସାର ଦୁଇଟି ଜିନିଷ ଏକାଠି ଥିଲାବେଳେ ହଂସପକ୍ଷୀ ସେଥିରୁ ସାର ଜିନିଷଟିକୁ ନେଇଯାଇ ଅସାର ଜିନିଷଟିକୁ ଛାଡ଼ିଦେଇଥାଏ । ସେହିପରି ସରସ୍ୱତୀ ଯାହାକୁ ଆଶ୍ରୟ କରନ୍ତି ଅର୍ଥାତ୍ ବିଦ୍ୱାନ ଓ ଜ୍ଞାନୀ ଲୋକେ ସଂସାର ଭିତରୁ ସାର ଓ ଅସାର, ସତ୍ୟ ଓ ଅସତ୍ୟ, ନ୍ୟାୟ ଓ ଅନ୍ୟାୟ ନୀତି ଭିତରୁ ସାର, ସତ୍ୟ ଓ ନ୍ୟାୟ ନୀତିଗୁଡ଼ିକୁ ଗ୍ରହଣ କରିନିଅନ୍ତି । ଅସାର ନୀତିକୁ ଛାଡ଼ି ଦିଅନ୍ତି । ସରସ୍ୱତୀ ଯାହାକୁ ଆଶ୍ରୟ କରିନଥାନ୍ତି, ଅର୍ଥାତ ଅଜ୍ଞାନୀ ଓ ପଥଭ୍ରଷ୍ଟ ଲୋକେ ନ୍ୟାୟ ଓ ସାର ଜିନିଷକୁ ବାଛି ପାରନ୍ତି ନାହିଁ, ଅନେକ କ୍ଷେତ୍ରରେ ଅସାର ନୀତିକୁ ଗ୍ରହଣ କରିନେଇଥାନ୍ତି । ସେଇଥିପାଇଁ ସରସ୍ୱତୀଙ୍କର ହଂସ ବାହାନ ହୋଇଛି । ସରସ୍ୱତୀଙ୍କ କାର୍ଯ୍ୟସହିତ ହଂସ ପକ୍ଷୀର କାର୍ଯ୍ୟର ଏହି ସାମଞ୍ଜସ୍ୟ ଥିବାରୁ ସେ ତାଙ୍କର ବାହାନ ହୋଇଛି ।

ମହାନ ଆଧ୍ୟାତ୍ମିକ ତତ୍ତ୍ୱ ଓ ନୀତିଗୁଡ଼ିକୁ ସାଧାରଣ ସାଂସାରିକ ଲୋକଙ୍କୁ ଶିକ୍ଷାଦେବାପାଇଁ ଯେଉଁ ପୌରାଣିକ ଗଳ୍ପଗୁଡ଼ିକ ରଚନା କରାଯାଇଛି, ସେଥିରେ ଉଲ୍ଲିଖିତ ଦେବାଦେବୀଙ୍କୁ ସାଂସାରିକ ମନୁଷ୍ୟର ନିକଟତର କରିବାପାଇଁ ଉଦ୍ୟମ କରାଯାଇଛି । ପୁରାଣରେ ଏହି ଦେବା-ଦେବୀଙ୍କର ବଂଶାନୁଚରିତ ଦିଆଯାଇଛି । ସେମାନଙ୍କର ବାପ, ମା, ସ୍ୱାମୀ, ପୁଅ,ଝିଅ ଅଛନ୍ତି, ସେମାନଙ୍କ ଭିତରେ କଳି ଲାଗେ,ବାଦବିବାଦ ଲାଗେ । ସାଂସାରିକ ମନୁଷ୍ୟ ପରିବାରର ନିକଟତର ଓ ବିଶ୍ୱାସଯୋଗ୍ୟ କରିବା ପାଇଁ ଏହା କରାଯାଇଛି । ପୁରାଣରେ ଲକ୍ଷ୍ମୀ ଓ ସରସ୍ୱତୀ ଦୁଇ ସଉତୁଣୀ ବୋଲି ବର୍ଣ୍ଣନା କରାଯାଇଛି । ଧନସମ୍ପଦଦାୟିନୀ ଲକ୍ଷ୍ମୀ ଓ ବିଦ୍ୟାଦାୟିନୀ ସରସ୍ୱତୀଙ୍କ ଭିତରେ ବିବାଦ ଅର୍ଥାତ୍ ଧନ ଓ ଜ୍ଞାନ ଭିତରେ ରହିଥିବା ବିବାଦକୁ ବୁଝାଇବାପାଇଁ ଏହିଭଳି ଗଳ୍ପର ପରିକଳ୍ପନା । ଗଳ୍ପର ସାରକଥା ହେଲା ,କେବଳ ଧନ ପଛରେ ଗୋଡ଼ାଇଲେ ବିଦ୍ୟା ବା ଜ୍ଞାନ ହାସଲ କରିପାରିବ ନାହିଁ । ଏହିପରି ଲୋକେ ଧନମତ୍ତ ହୋଇ ବିଦ୍ୟାପ୍ରତି ବୀତସ୍ପୃହ ହେବେ । ସେହିପରି ବିଦ୍ୟାର୍ଜନ ବା ଜ୍ଞାନ

Digitized by srujanika@gmail.com

ଅର୍ଜନ କରିବାରେ ମନୋନିବେଶ କଲେ ଧନସମ୍ପତ୍ତି ଅର୍ଜନ କରିପାରିବ ନାହିଁ । ଏହା ହିଁ ଉଭୟଙ୍କ ଭିତରେ ପାର୍ଥକ୍ୟ ବା ବିବାଦ ।

ନିଶ୍ଚିତଭାବରେ ଏହାର ବ୍ୟତିକ୍ରମ ରହିଛି । ପୂର୍ବକାଳରେ ମଧ୍ୟ ଥିଲା । ଏବେ ଏହାର ଦୃଷ୍ଟାନ୍ତ ବହୁ ଅଧିକ । ପ୍ରାଚୀନ କାଳରେ କେତେକ ବିପୁଳ ଧନର ଅଧିକାରୀ ରାଜା ମହାରାଜା, ବିଦ୍ୱାନ ଓ ଜ୍ଞାନୀ ଲୋକଙ୍କୁ ଆଦର କରୁଥିଲେ । ସେମାନେ ଏହିପରି କେତେକ ରାଜାଙ୍କ ସଭାକୁ ଅଳଙ୍କୃତ କରିଥିଲେ । ବର୍ତ୍ତମାନ ଯୁଗରେ ଅଧିକ ଜ୍ଞାନ ଅର୍ଜନ ପାଇଁ ଅଧିକ ଧନ ଆବଶ୍ୟକ ଏବଂ ବିଦ୍ୱାନ ଓ ଜ୍ଞାନୀ ଲୋକେ ସହଜରେ ପ୍ରଚୁର ଧନ ଉପାର୍ଜନ କରିପାରୁଛନ୍ତି । ତାଙ୍କ ବିଦ୍ୟା ଜ୍ଞାନ ସାଧନାରେ ପ୍ରତିବନ୍ଧକ ହେଉ ନାହିଁ । ମାତ୍ର ସାଧାରଣ ଭାବରେ ପୂର୍ବ ମତର ଯଥାର୍ଥତା ପ୍ରତିପାଦିତ ହୋଇଛି ।

Digitized by srujanika@gmail.com

ତାଙ୍କ ନାଁ ଧ୍ରୁବ କାହିଁକି ହେଲା ?

ଆମ ପୁରାଣରେ ଧ୍ରୁବ ଜଣେ ଶ୍ରେଷ୍ଠ ଭକ୍ତ ଭାବରେ ସୁବିଦିତ । ଭକ୍ତମାନଙ୍କ ଭିତରେ ଧ୍ରୁବଙ୍କର ବିଶେଷତ୍ୱ ହେଲା ଯେ ସେ ମାତ୍ର ଛ ବର୍ଷ ସମୟରେ ଭଗବାନଙ୍କ ଦର୍ଶନ ନିମନ୍ତେ ତପସ୍ୟା କରି ଅଳ୍ପକାଳ ଭିତରେ ସିଦ୍ଧିଲାଭ କରିଥିଲେ । ଧ୍ରୁବ ଥିଲେ ରାଜା ଉତ୍ତାନପାଦଙ୍କର ଅନ୍ୟତମ ପୁତ୍ର । ଉତ୍ତାନପାଦ ରାଜାଙ୍କର ଦୁଇ ରାଣୀ ଥିଲେ-ସୁରୁଚି ଓ ସୁନୀତି । ସୁରୁଚିଙ୍କ ପୁତ୍ର ଉତ୍ତମ ଓ ସୁନୀତିଙ୍କ ପୁଅ ଧ୍ରୁବ । ରାଜା ଉତ୍ତାନପାଦ ତାଙ୍କ ଅନ୍ୟତମ ରାଣୀ ସୁରୁଚିଙ୍କ ପ୍ରତି ଅଧିକ ଆକୃଷ୍ଟ ହୋଇଥିଲେ । ତେଣୁ ସୁରୁଚିଙ୍କ ପୁଅ ଉତ୍ତମ ରାଜ ଦରବାରରେ ଅଧିକ ଆଦର ଲାଭ କରିଥିଲା । ସୁନୀତିଙ୍କ ପୁଅ ଧ୍ରୁବ ପ୍ରଥମେ ରାଜଦରବାରରେ ଏହିଭଳି ଆଦରରୁ ବଞ୍ଚିତ ହୋଇଥିବାରୁ ଧ୍ରୁବଙ୍କ ମା ସୁନୀତି ଏହା ପୁଅର ପୂର୍ବଜନ୍ମର ଫଳ ବୋଲି ଧରି ନେଇ ସେଥିପାଇଁ ଭଗବାନଙ୍କ ଆଶୀର୍ବାଦ ଲାଭନିମନ୍ତେ ତପସ୍ୟା କରିବାପାଇଁ ପୁଅ ଧ୍ରୁବକୁ ନିର୍ଦ୍ଦେଶ ଦେଲେ ।

ଧ୍ରୁବ ମା'ଙ୍କ କଥା ମାନି ଭଗବାନଙ୍କ ଦର୍ଶନ ଲାଭନିମନ୍ତେ ତପସ୍ୟା କରି ସିଦ୍ଧି ଲାଭ କରି ଜଣେ ଶ୍ରେଷ୍ଠ ଭକ୍ତଭାବରେ ବିଦିତ ହେଲେ ।

Digitized by srujanika@gmail.com

ପରେ ତାଙ୍କ ପିତା ଉତ୍ତାନପାଦ ନିଜର ଭୁଲ ବୁଝି ପାରି ଧ୍ରୁବଙ୍କୁ ଡାକି ଆଣି ତାଙ୍କ ସ୍ଥାନରେ ରାଜଗାଦୀରେ ବସାଇଥିଲେ ।

ଭଗବାନଙ୍କୁ ପାଇବାପାଇଁ ନିଜ ଭିତରେ ବ୍ୟାକୁଳତା ଥିଲେ ଏବଂ ସମସ୍ତ ପ୍ରଲୋଭନ ଓ ଭୟ ପ୍ରଦର୍ଶନ ଏଡ଼ାଇ ପାରିଲେ ଧ୍ରୁବଙ୍କ ପରି ମନୁଷ୍ୟ ଭଗବାନଙ୍କ ଦର୍ଶନ ଲାଭ କରିପାରିବ । ମୁଖ୍ୟତଃ ଏହି ଶିକ୍ଷା ହିଁ ଧ୍ରୁବ କାହାଣୀରୁ ମିଳିଥାଏ । ମାତ୍ର ସମଗ୍ରଭାବରେ ଏହି ଧ୍ରୁବ ଗଳ୍ପଟିକୁ ବିଶ୍ଳେଷଣ କଲେ ଏହାଛଡ଼ା କେତେକ ମହାନ୍ ଦାର୍ଶନିକ ତଥ୍ୟ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଗଳ୍ପଟି ରଚିତ ହୋଇଥିବା ଜଣାଯାଏ । ରାଜା ଉତ୍ତାନପାଦଙ୍କର ଦୁଇରାଣୀଙ୍କ ନାମ ସୁରୁଚି ଓ ସୁନୀତି କାହିଁକି ହେଲା ଓ ତାଙ୍କ ପୁଅଙ୍କ ନାମ ଉତ୍ତମ ଓ ଧ୍ରୁବ କାହିଁକି ହେଲା ? ଗୋଟିଏ ମାତ୍ର ଶିକ୍ଷା ଦେବା ଉଦ୍ଦେଶ୍ୟରେ ହିଁ ଏହା କରାଯାଇଛି । ରାଣୀ ସୁରୁଚିଙ୍କ ପୁଅ ହେଲେ ଉତ୍ତମ । ଏଥିରୁ ଏଇଆ ଶିକ୍ଷା ମିଳିଲା ଯେ ଯିଏ ସୁରୁଚି ଅର୍ଥାତ ଯେ କେବଳ ରୁଚି ବା ରୂପ ସୌନ୍ଦର୍ଯ୍ୟକୁ ଆଶ୍ରୟ ବା ଅନୁସରଣ କରିବ ସେଥିରୁ ଉପଲବ୍ଧ ଜିନିଷ ଉତ୍ତମ ବା ତାର ଫଳ ହେବ ଉତ୍ତମ; ମାତ୍ର ଯେ ସୁନୀତିକୁ ଆଶ୍ରୟ କରିବ ବା ଅନୁସରଣ କରିବ ସେଥିରୁ ଉପଲବ୍ଧ ଜିନିଷ ବା ତାର ଫଳ ହେବ ଧ୍ରୁବ ବା ସତ୍ୟ । ସୁରୁଚି ଓ ସୁନୀତିକୁ ଅନୁସରଣ କଲେ ତାର ଫଳ କ'ଣ ହୁଏ ତାହା ତୁଳନାତ୍ମକ ଭାବରେ ଦେଖାଇ ଦେବାନିମନ୍ତେ ଏହି ଗଳ୍ପ ଓ ଏହିଭଳି ନାମକରଣର ଅବତାରଣା କରାଯାଇଛି ।

ଧ୍ରୁବଙ୍କ ପିତା ରାଜା ଉତ୍ତାନପାଦ ତାଙ୍କର ଅନ୍ୟତମ ରାଣୀ ସୁରୁଚିଙ୍କ ପ୍ରତି ପ୍ରଥମେ ଅଧିକ ଆକୃଷ୍ଟ ହୋଇଥିବାରୁ ସୁରୁଚିଙ୍କ ପୁଅ ପ୍ରଥମେ ରାଜ ଦରବାରରେ ଅଧିକ ଆଦର ଲାଭ କରିଥିଲା; ମାତ୍ର ପରେ ସେ ତାଙ୍କର ଭୁଲ ବୁଝିପାରି ଧ୍ରୁବଙ୍କୁ ଡାକି ଆଣି ରାଜଗାଦି ଦେଲେ । ଏଥିରୁ ଏହି ଶିକ୍ଷା ମିଳୁଛି ଯେ ସଂସାରରେ ଲୋକେ ପ୍ରଥମେ ଶାରୀରିକ ରୁଚି ବା ସୌନ୍ଦର୍ଯ୍ୟ ପ୍ରତି ଅଧିକ ଆକୃଷ୍ଟ ହୋଇପଡ଼ନ୍ତି ମାତ୍ର ଏହାର ଫଳ ସ୍ଥାୟୀ ହୁଏ ନାହିଁ । ଲୋକେ ପରେ ନିଜ ଅଭିଜ୍ଞତାରୁ ତାହା ଉପଲବ୍ଧି କରି ଧ୍ରୁବ ବା ସତ୍ୟକୁ ହିଁ ଆଶ୍ରୟ କରନ୍ତି । ପୌରାଣିକ ଗଳ୍ପଗୁଡ଼ିକୁ ଏହିପରି ବିଶ୍ଳେଷଣ କରି ଦାର୍ଶନିକ ତଥ୍ୟଗୁଡ଼ିକୁ ଉପଲବ୍ଧି କରାଯିବା ବାଞ୍ଛନୀୟ ।

Digitized by srujanika@gmail.com

ତା ନା ବଡ଼ଓଷା ହେଲା କାହିଁକି?

ପ୍ରତିବର୍ଷ କାର୍ତ୍ତିକ ମାସ ପୂର୍ଣ୍ଣିମୀ ଦୁଇଦିନ ଥାଇ ତ୍ରୟୋଦଶୀ ଦିନ ଓଡ଼ିଶାରେ ସର୍ବତ୍ର ଗୋଟିଏ ବ୍ରତ ପାଳିତ ହୁଏ ତାର ନା ବଡ଼ ଓଷା । ସେଦିନ ପ୍ରତି ପରିବାରରେ ସ୍ତ୍ରୀଲୋକ ନିର୍ଜଳା ଉପବାସ କରନ୍ତି । ସେମାନେ ନିଷ୍ଠାଉସହିତ ଏହି ଓଷା ବା ବ୍ରତ ପାଳନ କରିଥାନ୍ତି । ଏହାର ଦିନକ ଆଗରୁ ନୂଆଧାନର ଚାଉଳକୁ ଚୂରି ତାସହିତ ଗୁଡ଼, ନଡ଼ିଆ, କର୍ପୂର ଓ ଗୋଲ ମରିଚ ଗୁଣ୍ଡ ଆଦି ପ୍ରସ୍ତୁତ ହୋଇଥାଏ । ସେଦିନ ରାତିରେ ଗୃହସ୍ଥମାନେ ଏସବୁ ଜିନିଷସହିତ ହାଣ୍ଡି ଓ କାଠଧରି ନିକଟସ୍ଥ ମହାଦେବଙ୍କ ମନ୍ଦିରକୁ ଯାଆନ୍ତି । ରାତିରେ ମହାଦେବଙ୍କ ବେଢ଼ା ଭିତରେ ଚୂଲି ଖୋଳି ମହାଦେବଙ୍କ ସେବକଙ୍କ ସହାଯ୍ୟତାରେ ନୂଆଧାନ ଚାଉଳ ଚୂନାରେ ଗୁଡ଼ ଓ ନଡ଼ିଆ ଆଦି ମିଶାଇ ଯେଉଁ ସୁସ୍ୱାଦୁ ଖାଦ୍ୟ ଜାତୀୟ ଜିନିଷ ପ୍ରସ୍ତୁତ ହୁଏ ତାକୁ କହନ୍ତି "ଚରଣ" । ସହରରେ ମହାଦେବଙ୍କ ମନ୍ଦିର ବେଢ଼ାରେ ମଧ୍ୟ ଏହିଭଳି ଚରଣ ପ୍ରସ୍ତୁତ ହୋଇ ବଳି କରାଯାଇଥାଏ । ମହାଦେବଙ୍କ ନିକଟରେ ଏହି ଚରଣ ଭୋଗ ହେବାପରେ ଗୃହସ୍ଥମାନେ ତାହା ନିଜ ଘରକୁ ନେଇ ଆସନ୍ତି । ସକାଳୁ ଉପବାସ କରିଥିବା ସ୍ତ୍ରୀ ଲୋକମାନେ ସେହି ଚରଣ ଖାଇ ତାଙ୍କ ଉପବାସ ଭଙ୍ଗ କରନ୍ତି ଓ ଅନ୍ୟମାନେ ସେହି ଚରଣ ଖାଆନ୍ତି ଏବଂ ତାହା ଅନ୍ୟ ପରିବାରଙ୍କୁ ଦିଆଯାଇଥାଏ ହୁଏ ।

ବର୍ଷକ ଭିତରେ ପୂର୍ଣ୍ଣିମୀ, ସଂକ୍ରାନ୍ତି, ବ୍ରତ ଓ ଓଷା ମିଶି ଶତାଧିକ ପର୍ବ ପାଳିତ ହୁଏ । ତେବେ ଏହି ଓଷା ବା ପର୍ବଟିକୁ ବଡ଼ ଓଷା ବୋଲି କାହିଁକି କୁହାଗଲା ଏବଂ ଏହା ବର୍ଷର ଏହି ସମୟରେ କାହିଁକି ପାଳିତ ହୁଏ ? ଅନୁସନ୍ଧାନରୁ ଜଣାପଡ଼ୁଛି ଯେ ଭୌଗୋଳିକ କାରଣରୁ ହିଁ ଏହି ଓଷା ବା ପର୍ବ ପାଳିତ ହୁଏ ଓ ସେଇଥିପାଇଁ ଏହାର ନାମ ବଡ଼ ଓଷା ହୋଇଛି । ଭୌଗୋଳିକ କାରଣରୁ ହିଁ ଆମ ଦେଶର ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ । ଭାରତର ଅନ୍ୟାନ୍ୟ ବହୁ ରାଜ୍ୟପରି କୃଷିଜାତ ପଦାର୍ଥ ହେଲା ଓଡ଼ିଶାବାସୀଙ୍କ ପ୍ରଧାନ ସମ୍ବଳ । ଓଡ଼ିଶା ଏବେ ମଧ୍ୟ ଗାଁରେ ରହିଛି । ସହର ସଂଖ୍ୟା ନଗଣ୍ୟ । ପ୍ରଧାନ କୃଷିଜାତ ପଦାର୍ଥ

Digitized by srujanika@gmail.com

ଧାନ ଓଡ଼ିଶାବାସୀଙ୍କୁ କେବଳ ଯେ ଖାଦ୍ୟ ପଦାର୍ଥ ଯୋଗାଇଥାଏ ସେତିକି ନୁହେଁ, ଧାନରୁ କିଛି କିଛି ବିକିକରି ଲୋକେ ଲୁଗାପଟା, ପର୍ବପର୍ବାଣି ଓ ଘରର ଅନ୍ୟାନ୍ୟ ଖର୍ଚ୍ଚ ତୁଲାନ୍ତି । ତେଣୁ ଏହି ଧାନ ଓଡ଼ିଶାବାସୀଙ୍କ ପକ୍ଷରେ କେଉଁଳି ମୂଲ୍ୟବାନ ପଦାର୍ଥ ତାହା କଳ୍ପନା କରି ହେବ ନାହିଁ । ଗାଁ ଗହଳର ଚାଷୀମାନେ ବର୍ଷକରୁ ଛ' ମାସ ଖରା, ବର୍ଷା ଓ ଶୀତ ଭିତରେ ବିଲରେ ପଡ଼ି ହଳ କରିବାଠୁ ଆରମ୍ଭ କରି, ଧାନ ବୁଣିବା, ରୋଇବା, ବାଛିବା, ବେଉଷଣ କରି ଧାନ କାଟିବା ପର୍ଯ୍ୟନ୍ତ ସେମାନେ କଠିନ ପରିଶ୍ରମ କରନ୍ତି । ପାଗର ଅନିଶ୍ଚିତତା ଓ ଆଶଙ୍କା ଭିତରେ ଦିନ କାଟନ୍ତି । ଏତେ ପରିଶ୍ରମ ପରେ ଯେଉଁ ଧାନତକ ସେମାନେ ଘରକୁ ଆଣନ୍ତି ତା' ଉପରେ ତାଙ୍କ ପରିବାର ବର୍ଷକଯାକ ନିର୍ଭର କରିଥାନ୍ତି । ତେଣୁ ଏହି ଧାନ ଓଡ଼ିଶାବାସୀଙ୍କ ପକ୍ଷରେ ଯେ ଅତ୍ୟନ୍ତ ମୂଲ୍ୟବାନ ସେତିକି ନୁହେଁ, ଧର୍ମପ୍ରାଣ ଓଡ଼ିଶାବାସୀଙ୍କ ପକ୍ଷରେ ଏହା ପବିତ୍ର ।

କାର୍ତ୍ତିକ ମାସ ଶେଷ ବେଳକୁ ଧାନ ଅମଳ ଆରମ୍ଭ ହୋଇଯାଇ ଥାଏ । ତା ପୂର୍ବରୁ ପାଚିଲା ଧାନରୁ କିଛି କାଟି ଆଣି ସେଥିରେ କେବଳ ନୂଆଖିଆ ବା ନୂଆଖାଇ ପର୍ବ ହୋଇଥାଏ । ମାତ୍ର କାର୍ତ୍ତିକ ପୂର୍ଣ୍ଣମୀ ବେଳକୁ ଧାନ କଟା ବିଧିବଦ୍ଧଭାବରେ ଆରମ୍ଭ ହୁଏ ଏବଂ ଅମଳ କରାଯାଇଥିବା ପ୍ରଥମ ଧାନର ଚାଉଳକୁ ଖାଦ୍ୟ ଶସ୍ୟରୂପେ ଉପଭୋଗ କରିବା ପୂର୍ବରୁ ତାକୁ ଏକ ସୁସ୍ୱାଦୁ ଖାଦ୍ୟରେ ପରିଣତ କରି ପ୍ରଥମ ଗ୍ରାମଦେବତା ଶିବଙ୍କ ନିକଟରେ ଅର୍ପଣ କରାଯାଇଥାଏ । ଏଥିପାଇଁ ଯେଉଁ ପର୍ବଟି ପାଳିତ ହୁଏ ତାର ନାମ ବଡ଼ ଓଷା ବୋଲି ଦିଆଯାଇଛି । ବର୍ତ୍ତମାନ ଅବସ୍ଥା କିଛି ବଦଳିଛି । ମାତ୍ର ଏବେ ମଧ୍ୟ ଧାନ ଗ୍ରାମବାସୀଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ । ଏହି ବଡ଼ ଓଷାଠାରୁ ଆରମ୍ଭ କରି ନ ମାସପର୍ଯ୍ୟନ୍ତ ଏହି ଧାନ ଓ ଚାଉଳକୁ ବିଭିନ୍ନ ଆକାରରେ ସୁସ୍ୱାଦୁ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇ ଭିନ୍ନ ଭିନ୍ନ ପର୍ବରେ ଠାକୁରଙ୍କୁ ଅର୍ପଣ କରାଯାଏ । ଏହା କୃଷି ସଭ୍ୟତାର ଓ ସଂସ୍କୃତିର ଅବଶେଷ ମାତ୍ର ।

• • •

Digitized by srujanika@gmail.com

ପ୍ରଥମାଷ୍ଟମୀରେ ପ୍ରଥମ କିଏ ?

କାର୍ତ୍ତିକ ପୂର୍ଣ୍ଣିମା ଗଲାର ଆଠ ଦିନ ପରେ ମାର୍ଗଶିର ମାସ କୃଷ୍ଣପକ୍ଷର ଅଷ୍ଟମୀ ଓଡ଼ିଶାରେ ପ୍ରଥମାଷ୍ଟମୀ ପର୍ବରୂପେ ପାଳିତ ହୁଏ । କେବଳ ଜନ୍ମାଷ୍ଟମୀ ବା କୃଷ୍ଣ ଜନ୍ମ ପର୍ବ ବ୍ୟତୀତ ଅନ୍ୟ କୌଣସି ପର୍ବ କୃଷ୍ଣ ପକ୍ଷର କୌଣସି ଦିନ ପାଳିତ ହୁଏ ନାହିଁ । ପଣ୍ଡିତମାନେ ଶାସ୍ତ୍ରୀୟ ପ୍ରମାଣ ଯୋଗୁ ଶ୍ରାବଣ ମାସ କୃଷ୍ଣ ପକ୍ଷର ଅଷ୍ଟମୀକୁ କୃଷ୍ଣ ଜନ୍ମ ଦିନ ବୋଲି ଧାର୍ଯ୍ୟ କରିଥାନ୍ତି । ଶ୍ରୀରାଧାଙ୍କ ଜନ୍ମ ଦିନ ମଧ୍ୟ ସେହି ଶ୍ରାବଣ ମାସ ଶୁକ୍ଳ ପକ୍ଷରେ । ପ୍ରଥମାଷ୍ଟମୀ ପର୍ବରେ ପରିବାରର ଜ୍ୟେଷ୍ଠ ସନ୍ତାନଙ୍କୁ ସମ୍ମାନିତ କରାଯାଏ । ତାପାଇଁ ନୂଆ ଲୁଗା ହୁଏ ଏବଂ ସେଦିନ ଯେଉଁ ଏଣ୍ଡୁରି ପିଠା ହୁଏ ଜ୍ୟେଷ୍ଠ ସନ୍ତାନ ନୂଆ ଲୁଗା ପିନ୍ଧି ସେ ପିଠା ଆଗ ଖାଏ, ତାପରେ ଅନ୍ୟମାନେ ଖାଆନ୍ତି । ସେଦିନ ମାମୁଁ ମଧ୍ୟ ତାଙ୍କ ବଡ଼ ଭଣଜା ଭଣଜୀଙ୍କପାଇଁ ନୂଆ ଲୁଗା କିଣି ପଠାନ୍ତି । ଏହି ଲୁଗା ଓ ପିଠା ଆଗ ଠାକୁର ବା ଠାକୁରାଣୀଙ୍କୁ ଅର୍ପଣ କରାଯାଇଥାଏ ।

ପ୍ରଥମାଷ୍ଟମୀଟି ମୁଖ୍ୟତଃ ଏକ ଭୌଗୋଳିକ ପର୍ବ । କୃଷି ସଂସ୍କୃତିର ଏହା ଏକ ଅବଶେଷ । ମାର୍ଗଶିର ମାସ ବେଳକୁ ଧାନ ଫସଲ ଜୋରସୋରରେ କଟା ହେଉଥାଏ । ଚାଷୀ ତାର ପ୍ରଥମ ଅମଳ ଧାନର ଚାଉଳକୁ ପ୍ରଥମେ ଉପଭୋଗ କଲାବେଳେ ଏକ ପର୍ବ ଭିତରେ ତାହା କରିଥାଏ । ମାତ୍ର ଦଶ ଦିନ ତଳେ ଯାଇଥିବା 'ବଡ଼ଓଷା ଦିନ ଚାଷୀ ଯେଉଁ ଚାଉଳକୁ ଚୂନା କରି ଅନ୍ୟାନ୍ୟ ପଦାର୍ଥସହ ତାକୁ ସୁସ୍ୱାଦୁ କରିଣ କରିଥିଲା ସେହି ଚାଉଳକୁ ଆଉ ଏକ ପ୍ରକାର କରି ଏଣ୍ଡୁରି ପିଠା କରିଥାଏ । ନୂଆ ଚାଉଳକୁ ବଟିସକ୍ରିତ ବାଟି କରି ସେଥିରେ ଛେନା ଗୁଡ଼ ମିଶାଇ ପୂରଦେଇ ଏଣ୍ଡୁରି ପିଠା ତିଆରି କରାଯାଏ । ଏହି ଏଣ୍ଡୁରି ପିଠା ଏକ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ଚାଉଳ ଜାତୀୟ ଖାଦ୍ୟ ପଦାର୍ଥ ।

Digitized by srujanika@gmail.com

ଏଥିରେ ଘିଅ ଓ ଡାଲି ଏକାଠି ଥାଏ ଏବଂ ଏହା ବାମ୍ପରେ ସିଦ୍ଧ ହେତୁ ସ୍ୱାସ୍ଥ୍ୟକର । ଏହିଭଳି ପିଠା ବର୍ଷକୁ ଦୁଇଥର ମାତ୍ର ହୁଏ । ପ୍ରଥମାଷ୍ଟମୀ ଦିନ ଓ ଅଖାର ଭଙ୍ଗା ହେଲା ଦିନ, ସେଉଁ ଅଖାର ହାଣ୍ଡିରେ ଏଣ୍ଡୁରି ପିଠା ହୁଏ ସେହି ହାଣ୍ଡିକୁ ସଜାଡ଼ିବା ଶ୍ରମସାଧ୍ୟ ଓ ସମୟ ସାପେକ୍ଷ କାର୍ଯ୍ୟ । ଏଥିପାଇଁ ନଡ଼ା, କଣି ଓ ପଡ଼ଳା ବଡ଼ା ଦରକାର । ହାଣ୍ଡି ଭିତରେ ଏସବୁ ଖଞ୍ଜା ହୋଇ ଚୂଲି ଉପରେ ବସେ । ହଳଦୀ ପତ୍ର ବା କଅଁଳିଆ କଦଳୀ ପତ୍ର ଭିତରେ ବିରି ଓ ଚାଉଳ ବଟାହୁଆ ହୋଇ ହାଣ୍ଡି ଉପରେ ଜନାରେ ରଖାଯାଇ ଏଣ୍ଡୁରି ପିଠା ହୁଏ । ତେଣୁ ଆଜିକାଲି ସହରମାନଙ୍କରେ ଏପରି ପିଠା ପ୍ରସ୍ତୁତ କରାଯାଉ ନାହିଁ । ଏହି ପଦ୍ଧତିରେ ପ୍ରସ୍ତୁତ ବିରି ଚାଉଳ ବଟା ହୋଇ ଇଡ଼ଲି ଓ ଚକୁଳି ପିଠା ହେଉଛି । ମାତ୍ର ଇଡ଼ଲି ବା ଚକୁଳି ପିଠା ଏଣ୍ଡୁରି ପିଠା ଭଳି ସୁସ୍ୱାଦୁ ନୁହେଁ ।

ଚାଉଳଦ୍ୱାରା ପ୍ରସ୍ତୁତ ଭାତ ତ କୃଷି ପ୍ରଧାନ ଓଡ଼ିଶାବାସୀଙ୍କର ପ୍ରଧାନ ଖାଦ୍ୟ ପଦାର୍ଥ ହୋଇ ଚାଲିଆସିଛି, ମାତ୍ର ସବୁ ଦିନେ ଚାଉଳକୁ ଭାତ ରାନ୍ଧିକରି ଖାଇବା ନିଶ୍ଚିତଭାବରେ ବିରକ୍ତିକର ତେଣୁ ସେଇ ଚାଉଳ ସହିତ ଅନ୍ୟ ଖାଦ୍ୟ ପଦାର୍ଥ ମିଶାଇ ତାକୁ ସୁସ୍ୱାଦୁ କରି ଉପଭୋଗ କରିବାନିମନ୍ତେ ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ପ୍ରସ୍ତୁତ ପଦ୍ଧତି ବାହାର କରିଛନ୍ତି । ଖାଦ୍ୟ ପଦାର୍ଥରୂପେ ଚାଉଳରୁ ପ୍ରସ୍ତୁତ ଭାତର ପରିମାଣ ଯେତେବେଳେ କମିଯିବ ଏବଂ ଲୋକେ ଭାତ ବଦଳରେ ଅନ୍ୟ ପୁଷ୍ଟିକର ଖାଦ୍ୟ ପଦାର୍ଥ ଖାଇବେ ସେତେବେଳେ ଚାଉଳରୁ ପ୍ରସ୍ତୁତ ବା ଚାଉଳସହିତ ଅନ୍ୟ ପଦାର୍ଥ ମିଶାଇ ପ୍ରସ୍ତୁତ ଖାଦ୍ୟ ପଦାର୍ଥର ବ୍ୟବହାର କମିଯିବ । ମାତ୍ର ଏହିଭଳି ପର୍ବ ତଥା ଖାଦ୍ୟ ପଦାର୍ଥ କୃଷି ସଂସ୍କୃତିର ଅବଶେଷ ହୋଇ ରହିଥିବ ।

• • •

Digitized by srujanika@gmail.com

ମାଣ ଭିତରେ କିଏ ବସିଥାନ୍ତି ?

ମାର୍ଗଶିର ମାସ ଶେଷ ଗୁରୁବାର ଦିନ ମାଣବସା ଉତ୍ସବ ଓଡ଼ିଶାର ଗାଁ ଗହଳରେ ଅନୁଷ୍ଠିତ ହୁଏ । ବହୁ ନିଷ୍ଠାର ସହିତ ଏହି ଉତ୍ସବ ପାଳିତ ହୋଇଥାଏ । ପୂର୍ବଦିନଠାରୁ ମାଟିଘର ଲିପା ପୋଛା ହୋଇ ଓ ପକ୍କାଘର ହେଲେ ଧୁଆ ହୋଇ ସବୁଠାରୁ ଚିତା ପଡ଼ିଥାଏ । ଏହି ଚିତାର ଅଧିକାଂଶ ଭାଗ ହେଲା ଲକ୍ଷ୍ମୀଙ୍କ ପାଦଚିହ୍ନ ; ମଝିରେ ମଝିରେ ଫଳ, ଫୁଲ ଓ ପକ୍ଷୀର ସୁନ୍ଦର ଚିତ୍ରମାନ । ଚାଉଳବଟା ହୋଇ ସେହି ପାଣିରେ ଏହି ସବୁ ଚିତ୍ର ଅଙ୍କନ କରାଯାଇଥାଏ । ଏସବୁ ଚିତ୍ରମାନ ଅଙ୍କନ କରିବାରେ ପ୍ରତି ପରିବାରର ଝିଅ ଓ ବୋହୂମାନେ ଦକ୍ଷ । ଏହିସବୁ ଚିତ୍ରରେ ସମାନୁପାତ ଜ୍ଞାନ ଥାଏ । ପରଦିନ ସକାଳ ଗୁରୁବାର ଦିନ ଗୋଟିଏ ଘରେ ମାଣ ବସେ । ଘରଭିତରେ କାନ୍ଥମୂଳକୁ ଗୋଟିଏ କାଠ ତିଆରି ଖଟୁଲି ପଡ଼େ । ଖଟୁଲିଟି ଗୋଟିଏ ସୁନ୍ଦର କାଠ ଖୋଦେଇ ଶିଳ୍ପର ନମୁନା । ସେହି ଖଟୁଲି ଉପରେ ନୂଆ ଧାନ ଜମାକରି ଦିଆଯାଏ । ସେହି ଧାନ ଉପରେ ଗୋଟିଏ ପାଇଲି ବା ମାଣରେ ଧାନଭର୍ତ୍ତି କରି ରଖାଯାଏ ଏବଂ ତା ଉପରେ ଖଣ୍ଡେ ନାଲି ଛିଟ ବା ପାଟକନା ଘୋଡ଼େଇ ଦିଆ ହୁଏ । ଏହାକୁ ଲକ୍ଷ୍ମୀ ଠାକୁରାଣୀଙ୍କ ପ୍ରତୀକଭାବରେ ପୂଜା କରାଯାଏ । ଏହାହିଁ ମାଣବସା । ତାଙ୍କୁ ଗୃହିଣୀ ଭକ୍ତିର ସହିତ ଫୁଲ, ଧୂପ, ଦୀପ ଦେଇ ପୂଜା କରନ୍ତି, ତାଙ୍କ ନିକଟରେ ଭୋଗ ବାଢନ୍ତି । ପରିବାରର ସମସ୍ତେ ତାଙ୍କୁ ପ୍ରଣାମ କରିଥାନ୍ତି । ଏହିଭଳି ମାଣବସା ଗାଁ ଗହଳରେ ବହୁ ଅତୀତ କାଳରୁ ଚାଲିଆସିଛି । ଯେଉଁମାନେ ଗାଁ ଘରଦ୍ୱାର ଛାଡ଼ି ସହରରେ ଆସି ସ୍ଥାୟୀଭାବରେ ରହିଗଲେଣି ସେମାନଙ୍କ ଭିତରୁ କେତେକ ଗାଁର ସେହି ମାଣବସାକୁ ଉଠାଇ ଆଣି ସହରରେ ନିଜ ଘରେ ମାଣ ବସାଉଛନ୍ତି ।

ଏହିଭଳି ମାଣବସା ଉତ୍ସବ କୃଷି ସଭ୍ୟତାର ଏକ ଅବଶେଷ । ମାର୍ଗଶିର ମାସ ଶେଷ ଆଡ଼କୁ ଧାନ କଟାକଟି ଶେଷ ହୋଇ ଆସିଥାଏ ।

Digitized by srujanika@gmail.com

ଧାନ ଅମଳ ଆରମ୍ଭ ହେଲାବେଳେ ବଡ଼ ଓଷା ପର୍ବ ପାଳନ କରାଯାଇ ଚାଉଳକୁ ଚୂନା କରି ଚରଣ ତିଆରି କରାଯାଇଥିଲା, ତାର ଆଠ ଦିନ ପରେ ପ୍ରଥମାଷ୍ଟମୀ ପର୍ବରେ ଚାଉଳକୁ ପୁଣି ବାଟିକରି ଏଣ୍ଡୁରି ପିଠା କରାଯାଇଥିଲା, ସେହି ଧାନକୁ ପୁଣି ଲକ୍ଷ୍ମୀ ଠାକୁରାଣୀଙ୍କ ବେଦରେ ସଜାଇ ଘରେ ପୂଜା କରାଯାଏ । ଗୃହସ୍ଥର ବର୍ଷକର ସମ୍ବଳ ପ୍ରତି ଏହି ଭଳି ସମ୍ମାନ ସ୍ୱାଭାବିକ । ତାରି ଉପରେ ତା ପରିବାର ବର୍ଷକ ନିର୍ଭର କରନ୍ତି ।

ମାଣ ଉଜୁଆଁ ଶେଷ ଗୁରୁବାର ଦିନ ହେଲେ ଏଥିରେ ରହିଥିବା ଧାନକୁ ଆଣି ତାର ଚାଉଳକୁ ନଡ଼ିଆ, ଗୁଡ଼ ଦେଇ ସୁସ୍ୱାଦୁ ପାଉ ତିଆରି କରି ପରିବାର ସମସ୍ତେ ଖାଆନ୍ତି । ସେଇ ଖଟୁଲି ଓ ମାଣ ଧୁଆ ଧୋଇ ହୋଇ କନାରେ ଗୁଡ଼େଇ ତାକୁ ରଖିଦିଆଯାଏ । ମାଣବସା ଦିନ ଲକ୍ଷ୍ମୀପୁରାଣ ନାମରେ ଏକ ପୁସ୍ତକ ପଢ଼ାଯାଏ । ଆଗେ ପୋଥି ଆକାରରେ ଏହା ଥିଲା, ଏବେ ଛପା ପୁସ୍ତକ ଆକାରରେ ଏହା ମିଳୁଛି । ଏଥିରେ ଶ୍ରୀଜଗନ୍ନାଥ ଶ୍ରୀଲକ୍ଷ୍ମୀଙ୍କୁ ଅପମାନିତ କରିଥିବାରୁ କପରି ଦଣ୍ଡ ଭୋଗ କରିଥିଲେ ସେ ସଂବନ୍ଧୀୟ କାହାଣୀ ଲିପିବଦ୍ଧ ହୋଇଛି । ଶ୍ରୀଲକ୍ଷ୍ମୀଙ୍କ ମହିମା ପ୍ରଦର୍ଶନପାଇଁ ତଥା ତାଙ୍କପ୍ରତି କୌଣସି ଅସମ୍ମାନ ପ୍ରଦର୍ଶନ ନ କରିବାପାଇଁ ଏହିଭଳି କାହାଣୀ ରଚିତ ହୋଇଥାଏ । ଏହାଛଡ଼ା ଶ୍ରୀଜଗନ୍ନାଥଙ୍କୁ ନିରାକାର ପରମ ବ୍ରହ୍ମରୂପେ କଳ୍ପନା କରାଯାଇଥାଏ । ଏପରି ନିରାକାର, ଅରୂପକୁ ସାଧାରଣ ମନୁଷ୍ୟ କପରି କଳ୍ପନା କରିବ ତେଣୁ ଶ୍ରୀଜଗନ୍ନାଥଙ୍କୁ ମନୁଷ୍ୟର ନିକଟ-ବର୍ତ୍ତୀ କରି ତାର ବୋଧଗମ୍ୟ କରାଇବାପାଇଁ ସେ ଆମପରି ଗୋଟିଏ ପରିବାରର ମଣିଷଟିଏ ବୋଲି କଳ୍ପନା କରାଯାଇଛି ; ତାଙ୍କର ସ୍ତ୍ରୀ, ଭାଇ ଓ ଭଉଣୀ ଅଛନ୍ତି ଏବଂ ସ୍ତ୍ରୀଙ୍କ ସଙ୍ଗେ ତାଙ୍କର କଳି ଲାଗେ ସାଧାରଣ ଗୃହସ୍ଥଙ୍କ ପରି । ଏହି ଗଳ୍ପରେ ପରମବ୍ରହ୍ମ, ନିରାକାର ଜଗନ୍ନାଥ ମନୁଷ୍ୟର ନିକଟ ହୋଇଆସନ୍ତି । ଲକ୍ଷ୍ମୀ ଠାକୁରାଣୀଙ୍କ ପ୍ରତି ସମ୍ମାନ ବୃଦ୍ଧି ପାଇଥାଏ ।

Digitized by srujanika@gmail.com

ଦୋଳ ପୂର୍ଣ୍ଣିମୀରେ ଠାକୁର ଆମ ଘରେ କି ଭୋଗ ଖାଆନ୍ତି ?

ଆମ ରାଜ୍ୟର ଗାଁ ଗହଳରେ ଅନେକ ସ୍ଥାନରେ ଶିବ ମନ୍ଦିର ବ୍ୟତୀତ ରାଧାକୃଷ୍ଣ ମନ୍ଦିର ଓ କାଳୀ ମନ୍ଦିରମାନ ପ୍ରତିଷ୍ଠିତ ହୋଇଛି । ଧର୍ମପ୍ରାଣ ଓଡ଼ିଶାବାସୀ ବିଶେଷକରି ସ୍ତ୍ରୀଲୋକମାନେ ଏହି ମନ୍ଦିରଗୁଡ଼ିକୁ ଯାଇ ପୂଜା କରନ୍ତି, କିନ୍ତୁ ବର୍ଷକରେ ଗୋଟିଏ ଦିନ ଏହି ଠାକୁରମାନଙ୍କ ଭିତରୁ ରାଧାକୃଷ୍ଣ ତାଙ୍କ ମନ୍ଦିର ଛାଡ଼ି ଭୋଗ ଖାଇବାପାଇଁ ଲୋକଙ୍କ ଦୁଆରକୁ ଆସନ୍ତି । ସେଥିପାଇଁ ଗୃହସ୍ଥମାନେ ସେଦିନ ଘର ଲିପାପୋଛା କରି ଦାଣ୍ଡ ସଫାକରି ରଖି ଥାଆନ୍ତି । ଦାଣ୍ଡରେ ଆଗ କାଉଁନ । ଦୁଏ ଧୂପ, ଦୀପ ଓ ଫୁଲସହିତ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଏ ଏବଂ ଅବିର ଦିଆଯାଏ । ବହୁ ଅତୀତ କାଳରୁ ଏହା ଚାଲିଆସିଛି ।

ଏହି ପରମ୍ପରାରୁ ଦୁଇଟି ତଥ୍ୟ ପ୍ରମାଣିତ ହେଉଛି । ଗୋଟିଏ ହେଲା ରାଧାକୃଷ୍ଣ ଯାହାଙ୍କୁ ଲୋକେ ଭଗବାନଙ୍କ ଅବତାରଭାବରେ ପୂଜା କରନ୍ତି, ସେ ମନୁଷ୍ୟର ଠିକଏ ନିକଟକୁ ଆସିବାପାଇଁ ଚାହାନ୍ତି । ଭଗବାନ ଓ ମନୁଷ୍ୟର ଏହି ସାନିଧ୍ୟରେ ସାଧାରଣ ମନୁଷ୍ୟର ଜୀବନ ଆନନ୍ଦମୟ ହୋଇଉଠେ । ସେଇଥିପାଇଁ ଓଡ଼ିଶାବାସୀଙ୍କର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ଯାହାଙ୍କୁ ପରମବ୍ରହ୍ମ ନିରାକାର ଓ ଅରୂପଭାବେ କଳ୍ପନା କରାଯାଇଛି, ସେ ମଧ୍ୟ ବର୍ଷକରେ ଦିନେ—ରଥଯାତ୍ରା ଦିନ ମନ୍ଦିର ଭିତରୁ ତାଙ୍କ ବଡ଼ ଭାଇ ଓ ଭଉଣୀଙ୍କୁ ଧରି ଧପଣିବାଇରେ ନିଜ ମାଉସୀଙ୍କ ଘରକୁ ଆସନ୍ତି ଓ ଯାଆନ୍ତି । ସେହି ଅବସରରେ ସେ ବଡ଼ଦାଣ୍ଡରେ ଜନସାଧାରଣଙ୍କ ପାଖକୁ ଆସି ଦେଖା ଦିଅନ୍ତି । ଭଗବାନଙ୍କୁ ମନୁଷ୍ୟ ନିକଟବର୍ତ୍ତୀ କରିବାପାଇଁ, ତାଙ୍କୁ କେବଳ ନିରାକାର ଓ ଅରୂପ କରି ନ ରଖିବାପାଇଁ ଏହିଭଳି ପରିକଳ୍ପନା ଅଭୂତପୂର୍ବ । ସେହି ପରମ୍ପରା ଅନୁସରଣରେ ଦୋଳ ପୂର୍ଣ୍ଣିମୀ ଦିନ ଭଗବାନଙ୍କର ଅବତାର ରାଧାକୃଷ୍ଣ ଲୋକଙ୍କ ଘରକୁ ଆସି ଭୋଗ ଖାଆନ୍ତି ।

Digitized by srujanika@gmail.com

ଦୋଳ ପୂର୍ଣ୍ଣିମୀ ଦିନ ରାଧାକୃଷ୍ଣ ଠାକୁର ଲୋକଙ୍କ ଘରକୁ ଆସିଲେ ତାଙ୍କୁ କ'ଣ ଜିନିଷ ଭୋଗପାଇଁ ଲୋକେ ଦିଅନ୍ତି ? ବର୍ଷକେ ଥରେ ଗ୍ରାମବାସୀଙ୍କ ଆରାଧ୍ୟ ଦେବତା ତାଙ୍କ ଘରକୁ ଆସୁଛନ୍ତି । ସେଥିପାଇଁ ଉତ୍କୃଷ୍ଟ ମିଷ୍ଟାନ୍ନ ବା ଫଳମୂଳ ତାଙ୍କୁ ଅର୍ପଣ କରାଯାଆନ୍ତା ମାତ୍ର ତା ହୁଏ ନାହିଁ । ଯେଉଁ ଧାନକୁ ସ୍ୱଳ୍ପଜଳର ଚରଣ କରାଯାଇଥିଲା, ଏଣ୍ଡୁରି ପିଠା ତିଆରି କରାଯାଇଥିଲା; ସେହି ଧାନକୁ ଖଇ ଭାଜି ଓ ସେଥିରେ ଗୁଡ଼ ଓ ନଡ଼ିଆ ଦେଇ ଉଖୁଡ଼ା ତିଆରି କରି ଏବଂ ଖଇକୁ ଗୁଣ୍ଡ କରି ସେଥିରେ ଗୁଡ଼ ମିଶାଇ ଖଜାକରି ଓ ଉଖୁଡ଼ାରେ ଶ୍ରୀବୃଦ୍ଧି କରି ତଥା ସେତେବେଳକୁ ଅମଳ ହୋଇଥିବା ଚଣାକୁ ଭୋଗଭାବରେ ଦିଆଯାଏ । ସେଥିରୁ ଜଣାଯାଏ ଯେ ଏହା ଅନ୍ୟତମ ଭୌଗୋଳିକ ପର୍ବ । ପ୍ରଧାନ କୃଷି ଉତ୍ପାଦନ ଧାନରୁ ପ୍ରସ୍ତୁତ ଦୋଳ ଠାକୁରଙ୍କ ଭୋଗ ଏକ ସୁସ୍ୱାଦୁ ଖାଦ୍ୟ ପଦାର୍ଥ । ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାର ଲୋକେ ଧାନ ଉତ୍ପାଦନ ପରେ ବିଭିନ୍ନ ସମୟରେ ନିଜର ମୁଖ୍ୟ ଖାଦ୍ୟ ପଦାର୍ଥ ଭାତ ଛଡ଼ା ସ୍ୱଳ୍ପଜଳସହିତ ଭିନ୍ନ ଭିନ୍ନ ପଦାର୍ଥ ମିଶାଇ ତାକୁ ସୁସ୍ୱାଦୁ ଖାଦ୍ୟ ପଦାର୍ଥରେ ପରିଣତ କରି ଉପଭୋଗ କରିଥାନ୍ତି । ଏହିସବୁ ସୁସ୍ୱାଦୁ ଖାଦ୍ୟ ପଦାର୍ଥ ଏବେ ମଧ୍ୟ ଲୋକେ ତାଙ୍କ ଆରାଧ୍ୟ ଦେବତାଙ୍କୁ ଭୋଗ ଆକାରରେ ଦେଉଛନ୍ତି । ସେଥିରେ ପରିବର୍ତ୍ତନ ହୋଇ ନାହିଁ ମାତ୍ର ନିଜେ ଖଇ, ଉଖୁଡ଼ା, ଖଜା ଆଦି ଖାଉ ନାହାନ୍ତି । ତା ପରିବର୍ତ୍ତେ ଆଜକାଲି ବିସ୍କୁଟ ଖାଇବାପାଇଁ ଅଧିକ ପସନ୍ଦ କରୁଛନ୍ତି । ଯାହାହେଉ ଠାକୁର ଦୋଳ ପୂର୍ଣ୍ଣିମୀରେ ଯେଉଁ ଖଇ, ଉଖୁଡ଼ା ଓ ଖଜା ଆଦି ଭୋଗ ଖାଆନ୍ତି ତାହା ଓଡ଼ିଶାରେ କୃଷି ସଭ୍ୟତାର ଅବଶେଷ ହୋଇ ରହିଥିବ ।

Digitized by srujanika@gmail.com

ରଜରେ ସଜବାଜ କାହିଁକି ହୁଏ ?

ଜଣେ ବିଶିଷ୍ଟ ଗଣନାଟ୍ୟକାରଙ୍କ ପ୍ରଣୀତ ନାଟକର ଗୋଟିଏ ଗୀତର ପ୍ରଥମ ଧାଡ଼ି ଥିଲା—"ରଜ ସଜବାଜ ମଉଜକୁ ଝିପିଝିପି ବର୍ଷା ସାଥ ଦେଲା ରେ" । ନାଟ୍ୟକାର କେଉଁ ପରିପ୍ରେକ୍ଷୀରେ ଗୀତଟି ରଚନା କରିଥିଲେ ଜାଣେ ନାହିଁ, ମାତ୍ର ବହୁ ଅଜ୍ଞାତ କାଳରୁ ପାଳିତ ହୋଇଥିବା ରଜ ପର୍ବରେ ସଜବାଜ ମଉଜ ହୋଇ ଆସୁଛି । ଜ୍ୟେଷ୍ଠମାସର ଶେଷ ତିନିଦିନ ରଜପର୍ବଭାବରେ ପାଳିତ ହୁଏ । ରଜ ନାଁ ନଥିଲେ ମଧ୍ୟ କେତେକ ଅଞ୍ଚଳରେ ଏହି ତିନିଦିନ ପର୍ବ ଭାବରେ ପାଳିତ ହୋଇଆସୁଛି । ଅନ୍ୟତଃ କଟକ ଓ ପୁରୀ ଜିଲ୍ଲାର ବହୁ ଅଞ୍ଚଳରେ ଅଧିକ ସଜବାଜ ମଉଜ ହୁଏ । ରଜପର୍ବର ପ୍ରଥମ ଦିନଟି ପହିଲିରଜ, ମଝି ଦିନଟି ରଜ ସଂକ୍ରାନ୍ତି ଓ ତୃତୀୟ ଦିନଟି ଶେଷ ରଜ । ପହିଲି ରଜ ପୂର୍ବଦିନ ରାତି ଅଧରୁ ବୋହୂ ଓ ଝିଅମାନେ ଗାଧୋଇ ସଜବାଜ ହୁଅନ୍ତି, ସକାଳୁ ସମସ୍ତେ ଜୋତା ପିନ୍ଧି ବାହାରନ୍ତି । ଯାହାଙ୍କର କେବେ ଜୋତା ନଥାଏ ସେମାନେ ମଧ୍ୟ ସେଦିନ ଗୁଆ ବା ତାଳ ଖୋଳପାକୁ ନିଜ ଗୋଡ଼ ମାପରେ ଜୋତା ତିଆରି କରି ପିନ୍ଧିଥାନ୍ତି । ଆଗେ ଜୋତା ଦାମ ସେତେବେଳର ମୂଲ୍ୟ ତୁଳନାରେ ମଧ୍ୟ ବହୁ ଅଧିକ ଥିଲା ଏବଂ ତାହା ମଧ୍ୟ ସହଜରେ ମିଳୁନଥିଲା । ତେଣୁ ଅନେକ ଜୋତା ପିନ୍ଧୁ ନଥିଲେ । ରଜ ତିନିଦିନ ଝିଅମାନେ ଜୋତା ପିନ୍ଧିବାର କାରଣ ଯେ ବସୁମତୀ ବା ଭୂମି ସେତେବେଳେ ରଜସ୍ୱଳା ହୋଇଥାଏ । ତେଣୁ ତାକୁ ଛୁଇଁବାକୁ ମନା । ଖାଲି ଗୋଡ଼ରେ ଚାଲିଲେ ଭୂମିକୁ ସ୍ପର୍ଶ କଲାଭଳି ହେବ ତେଣୁ ଜୋତାପିନ୍ଧି ଚାଲିବାକୁ ହୁଏ ।

ତେଣୁ ପୁରୁଷମାନେ ମଉଜରେ ମାତନ୍ତି । ସେମାନେ ଏହି ତିନିଦିନ ଖେଳ କସରତ, ନାଟ ତମସାରେ କଟାନ୍ତି । ଖାସିକଟା ହୋଇ ଓ ମାଛ ମଗାହୋଇ ଭୋଜି ହୁଏ । ସମସ୍ତଙ୍କ ଘରେ ପୋଡ଼ ପିଠା ହୁଏ । ଏହିପରି ତିନିଦିନ ମଉଜ ମଜଲିସ ଚାଲିବା ପରେ ଚତୁର୍ଥ ଦିନ ସକାଳୁ ବସୁମତୀ ସ୍ନାନ ଉତ୍ସବ ହୁଏ । ଝିଅ ବୋହୂମାନେ ଗାଧାନ୍ତି ଏବଂ ସଙ୍ଗେ ସଙ୍ଗେ ଲକ୍ଷ୍ମୀଙ୍କର ଲକ୍ଷଯନ୍ତ୍ରପାତ୍ର ଠାକୁରାଣୀଙ୍କ ପାଖରେ ପୂଜା ହୁଏ ।

Digitized by srujanika@gmail.com

ରଜପର୍ବର ଏ ସମସ୍ତ କାର୍ଯ୍ୟକ୍ରମ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡ଼ିବ ଯେ ଏହା ଏକ ଭୌଗୋଳିକ ପର୍ବ । ଭୌଗୋଳିକ କାରଣରୁ ଏପର୍ଯ୍ୟନ୍ତ ଆମ ଦେଶ କୃଷି ପ୍ରଧାନ ହୋଇ ରହିଥିବାରୁ କୃଷି ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ଭିନ୍ନ ଭିନ୍ନ ପର୍ବ ଭିତରେ ପାଳିତ ହୁଏ । କୃଷି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଚାଷୀପାଇଁ ରଜ ହେଉଛି ଶେଷ ପର୍ବ ଓ ନୂତନ ବର୍ଷପାଇଁ ପ୍ରସ୍ତୁତ । ଜ୍ୟେଷ୍ଠମାସ ଶେଷ ହୋଇ ଆଷାଢ଼ ମାସ ଆରମ୍ଭ ହୋଇଯିବ ତେଣୁ ଧାନବୁଣା କାର୍ଯ୍ୟ ଚାଲିବ ଏବଂ ତାପରେ ଧାନବଛା, ହଳପଟା, ହଳରୁଆ, ବେଉଷଣ ପ୍ରଭୃତି କୃଷି କାର୍ଯ୍ୟ ଚାଲି ଶେଷରେ ଧାନକଟା ହେବ । ତେଣୁ ଆଉ ଚାଷୀ ବା ଗୃହସ୍ଥଙ୍କୁ ଅବସର ମିଳିବ ନାହିଁ । କଠିନ କୃଷି କାର୍ଯ୍ୟରେ ମନପ୍ରାଣ ଦେଇ ଲାଗି ରହିବା ପୂର୍ବରୁ ରଜପର୍ବ ହେଲା ଚାଷୀର ଶେଷ ବିଶ୍ରାମ ; ତେଣୁ ଏହି ତିନିଦିନ ସୃଷ୍ଟିହର ଖାଦ୍ୟ ଖାଇ ଖେଳ କସରତରେ ଅତିବାହିତ କରିବାପାଇଁ ସୁଯୋଗ ମିଳିଥାଏ ।

ରଜପର୍ବରେ ଗାଁମାନଙ୍କରେ ଯେଉଁ ପୋଡ଼ପିଠା ହୁଏ ସେ ବିଷୟରେ ସ୍ୱତନ୍ତ୍ର ଭାବରେ କିଛି ଉଲ୍ଲେଖ କରିବାକୁ ଚାହୁଁଛି । ଧାନ ଅମଳ ବେଳେ ନୂଆ ଧାନ ଚାଉଳକୁ ଚୂରି ତରଣ ତିଆରି କରାଯାଇଥିଲା, କିଛିଦିନ ପରେ ସେଇ ଚାଉଳସହିତ ବିରି ମିଶାଇ ବାଟି ଏଣ୍ଡୁରି ପିଠା ତିଆରି ହୋଇଥିଲା, ମାଣ ବସିଥିବା ଧାନର ଚାଉଳକୁ ଗୁରୁବାର ପୂଜା କରାଯାଇଥିଲା, ସେହି ଉଳା ଚାଉଳକୁ ଚୂରି ବା କୁଟି ସେଥିରେ ଗୁଡ଼ ନଡ଼ିଆ ଆଦି ମିଶାଇ ତାକୁ ଜନ୍ତି କରି ରଜରେ ପୋଡ଼ ପିଠା କରାଯାଏ । ଧାନ ଓ ଚାଉଳକୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପଦାର୍ଥ କରି ଉପଭୋଗ କରିବା କୃଷି ପ୍ରଧାନ ଦେଶର ପରମ୍ପରା । ପୋଡ଼ ପିଠା କରିବା ଶ୍ରମସାଧ୍ୟ କାର୍ଯ୍ୟ । ପୂର୍ବ ଦିନଠାରୁ ଚାଉଳକୁ କୁଟି ଚୂନା କରି ସେଥିରେ ଗୁଡ଼, ନଡ଼ିଆ ଓ ମସଲା ପକାଇ ଜନ୍ତି ପ୍ରସ୍ତୁତ କରିବା ଏକ କଷ୍ଟକର କାର୍ଯ୍ୟ । ଜାଳନ ଠିକ୍ ହେଲେ ଯାଇ ପିଠା ଠିକ୍ ହେବ । ଏହି ପିଠା ତଳେ ଓ ଉପରେ ରଡ଼ ନିଆଁ ଦିଆ ହୋଇ ରହିବ । ତେଣୁ ବର୍ଷକରେ କେବଳ ରଜ ପର୍ବରେ ହିଁ ଏହି ପ୍ରକାର ପୋଡ଼ ପିଠା ହୁଏ ।

● ● ●

Digitized by srujanika@gmail.com

ବର୍ଷାଦିନେ ଅଧିକ ପର୍ବ କାହିଁକି ନଥାଏ ?

ରଜ ହେଲା କୃଷି ଭିତ୍ତିକ ଓଡ଼ିଶାର ଶେଷ ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ପର୍ବ, ଗ୍ରୀଷ୍ମ ଋତୁର ଶେଷ ତିନିଦିନ । ତାପରେ ବର୍ଷା ଋତୁ ଆରମ୍ଭ ହୁଏ ଆଷାଢ଼ ମାସଠାରୁ, ସେତେବେଳେ କୃଷି ଉପରେ ନିର୍ଭର କରୁଥିବା ସମଗ୍ର ଗ୍ରାମାଞ୍ଚଳ ଲୋକେ ଚାଷ କାମରେ ଲାଗି ଯାଆନ୍ତି । ରଜ ତିନି ଦିନ ଥାଏ ସେମାନଙ୍କର ଶେଷ ବିଶ୍ରାମ । ତେଣୁ ସେମାନେ ସେଦିନ ଖେଳ କୌତୁକ, ନାଟ ତାମସା ଓ ଉତ୍କୃଷ୍ଟ ଜିନିଷ ଖିଆପିଆକରି କଟାଇ ଦିଅନ୍ତି । ବର୍ଷା ଦିନେ କୃଷକମାନଙ୍କୁ ମୋଟେ ଅବସର ନଥାଏ । ସେଇଥି ପାଇଁ ବୋଧହୁଏ ବର୍ଷା ଦିନରେ କୌଣସି ଭୌଗୋଳିକ ବା କୃଷିଭିତ୍ତିକ ପର୍ବ ନଥାଏ । ବର୍ଷାଦିନେ ସେଥିପାଇଁ ବାହାଘର ପଡ଼େ ନାହିଁ । ମାତ୍ର ବର୍ଷେ ବର୍ଷେ ଦିନେ ବି ଦିନ ବାହାଘର ଯୋଗ ପଡ଼ିଯାଏ । ବର୍ଷା ଦିନେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ପର୍ବ ପର୍ବାଣୀ ବା ବାହାଘର ପଡ଼ିଲେ କୃଷକମାନଙ୍କୁ ଚାଷ କାମ ଛାଡ଼ି ସେଥିରେ ଲାଗିବାକୁ ପଡ଼ନ୍ତା । ବର୍ଷାଦିନକୁ ଗୁରୁତ୍ୱପୂର୍ଣ୍ଣ ଏଇଥିପାଇଁ କୁହାଯାଉଛି ଯେ ସେଥିରେ ପରିବାରର ସମସ୍ତେ କିଛିନା କିଛି କାମରେ ଲାଗନ୍ତି । ଆଷାଢ଼ ମାସରେ ବର୍ଷା ଆରମ୍ଭରେ ଚାଷକାମ ଆରମ୍ଭ ହୋଇ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଯେତେବେଳେ ଧାନ ଅମଳ ହୁଏ ସେ ପର୍ଯ୍ୟନ୍ତ ଚାଷୀଙ୍କୁ ସମୟ ନଥାଏ । ବର୍ଷାଦିନେ କେବଳ ଶ୍ରାବଣ ମାସ ଶେଷରେ ଭାଦ୍ରବ ମାସର ପ୍ରଥମ ରବିବାର ଦିନ ଖୁଦୁରୁକୁଣୀ ଓଷା ପଡ଼େ ଓ ଏହା ମାସକର ଚାରି ରବିବାରରେ ପାଳନ କରାଯାଏ । ଆଶ୍ୱିନ ମାସର ପ୍ରଥମ ଭାଗରେ ଦୁତିଆ ଓଷା ପାଳିତ ହୁଏ । ଖୁଦୁରୁକୁଣୀ ଓ ଦୁତି ବାହନ ବା ଦୁତିଆ ଓଷା କୃଷିଭିତ୍ତିକ ଭୌଗୋଳିକ ପର୍ବ ହେଲେ ମଧ୍ୟ ଏଥିରେ କୃଷକଙ୍କ ପରିବାରର ସମସ୍ତେ ସମ୍ପୃକ୍ତ ହୁଅନ୍ତି ନାହିଁ । ଖୁଦୁରୁ-କୁଣୀ ଓଷା ମୁଖ୍ୟତଃ ଅବିବାହିତ ଝିଅମାନଙ୍କର ଓଷା । ବର୍ଷାଦିନେ

Digitized by srujanika@gmail.com

ଧାନ ବୁଣା ସାଙ୍ଗେ ସାଙ୍ଗେ ଲୋକେ ନିଜ ବାଡ଼ ବଗିଚାରେ ପନିପରିବା ମଞ୍ଜି ପୋତି ଦିଅନ୍ତି । ସେଗୁଡ଼ିକ ଯେତେବେଳେ ଗଛ ହୋଇ ରଞ୍ଜାରେ ମାଡ଼ି ମାଡ଼ି ସେଥିରେ ଫୁଲ ଫଳ ହୁଏ ସେତେବେଳେ ଯାଇ ଖୁଦୁରୁକୁଣୀ ପର୍ବ ଆରମ୍ଭ ହୁଏ । ଖୁଦୁରୁକୁଣୀ ଓଷାରେ ଅବିବାହିତ ଝିଅମାନେ ସକାଳୁ ଗାଧୋଇ ବାଲିରେ ଠାକୁର (ବାଲୁକା) ତିଆରି କରି ସେଥିରେ ଫୁଲ ଦେଇ ସଜାନ୍ତି । ସେତେବେଳକୁ ଘରବାଡ଼ିରେ ଲଗା ହୋଇଥିବା ଜହ୍ନି, କାକୁଡ଼ି, ଭେଣ୍ଡି, କଖାରୁ ପ୍ରଭୃତି ପନିପରିବା ଗଛ ମାଡ଼ି ସେଥିରେ ଫୁଲକସି ଧରିଥାଏ । ତେଣୁ ସେହି ଜହ୍ନି ଓ କାକୁଡ଼ି ଫୁଲକୁ ଆଣି ବାଲି ଠାକୁରଙ୍କୁ ସଜାନ୍ତି । ରାତିରେ ଝିଅମାନେ ଗୋଟିଏ ସ୍ଥାନରେ ଭୋଗଡାଲାଧରି ଏକଜୁଟ ହୁଅନ୍ତି ଏବଂ ମଙ୍ଗଳା ଠାକୁରାଣୀଙ୍କୁ ସ୍ଥାପନ କରି ସେଠାରେ ସମସ୍ତେ ଗୋଟିଏ ଗୋଟିଏ ନଡ଼ିଆ ସ୍ଥାପନ କରନ୍ତି । ମଙ୍ଗଳା ଠାକୁରାଣୀଙ୍କ ପାଖରେ ସମସ୍ତେ କିଛି ଭୋଗ ଅର୍ପଣ କରନ୍ତି । ସେହି ଭୋଗଡାଲାରେ ଥାଏ ଖଇ, ଉଖୁଡ଼ା, ନଡ଼ିଆ, କଦଳୀ, କାକୁଡ଼ିକସି-ବଡ଼ କାକୁଡ଼ି ନୁହେଁ, କାରଣ ସେତେବେଳକୁ କାକୁଡ଼ି କସି ହୋଇଥାଏ ବଡ଼ ହୋଇ ନଥାଏ । ମଙ୍ଗଳାଙ୍କ ପୂଜା ଆରମ୍ଭରେ ଖୁଦୁରୁକୁଣୀ ଓଷା ପାଇଁ ରଚିତ ଗୋଟିଏ କ୍ଷୁଦ୍ର ପୁସ୍ତିକା ବୋଲାଯାଏ । ଏହି ତଅପୋଇ ଗଳ୍ପ କୋମଳମତି ଝିଅମାନଙ୍କୁ ଅଜ୍ଞାତରେ ଓଡ଼ିଆ ନାବିକଙ୍କ ସମୁଦ୍ର ଯାତ୍ରାର କାହାଣୀ ମନେ ପକାଇ ଦିଏ । ବର୍ଷା ଛାଡ଼ିବାର କିଛିଦିନ ପରେ ସମୁଦ୍ରର ପାଣି ସ୍ଥିର ହୋଇଗଲେ ଓଡ଼ିଆ ନାବିକମାନେ ସମୁଦ୍ର ଯାତ୍ରା କରୁଥିଲେ । ସେଥିପାଇଁ ବୋଇତ ଯାତ୍ରାର ତଅପୋଇ ଗଳ୍ପକୁ ଖୁଦୁରୁକୁଣୀ ପର୍ବ ସହିତ ଯୋଡ଼ି ଦିଆଯାଇଛି ।

• • •

Digitized by srujanika@gmail.com

ଦୁତିବାହନ ପୂଜା ଓ ଘାଣ୍ଟ ତରକାରି କାହିଁକି ହୁଏ ?

ବର୍ଷାଦିନ ଶେଷଭାଗରେ ଆଶ୍ୱିନ ମାସରେ ଦୁତିବାହନ ପୂଜା ପାଳିତ ହୁଏ ଓ ତା ପରଦିନ ଘାଣ୍ଟ ତରକାରି ହୁଏ । ସେତେବେଳେ ବର୍ଷାଋତୁ ଯାଇ ଶରତ ଋତୁ ଆସିଯାଇଥାଏ । ପ୍ରତ୍ୟେକ ଗ୍ରାମବାସୀଙ୍କ ବାଡ଼ିରେ ଲଗିଥିବା ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ, କାକୁଡ଼ି ଫଳ ହୋଇଯାଇଥାଏ । ତେଣୁ ସେହିସବୁ ପନିପରିବା ଓ ଫଳକୁ ପୂର୍ବଦିନ ଅନୁଷ୍ଠିତ ଦୁତି ବାହନଙ୍କୁ ପ୍ରଥମେ ଅର୍ପଣ କରାଯାଏ । ଅନ୍ୟ କୌଣସି ପର୍ବରେ ଦେବାଦେବୀଙ୍କ ନିକଟରେ କଞ୍ଚା ପନିପରିବା ଭୋଗ କରାଯାଏ ନାହିଁ । ଭୌଗୋଳିକ କାରଣରୁ ହିଁ ଏହା କରାଯାଇଥାଏ । କାରଣ ସେହି ସମୟରେ ବର୍ଷାକାଳୀନ ପନିପରିବା ଉତ୍ପାଦନ ହୁଏ ଏବଂ ଏହି ପନିପରିବା ଖାଇବା ପୂର୍ବରୁ ସେଥିପାଇଁ ଏକ ଉତ୍ସବ ପାଳନ କରି ସେଗୁଡ଼ିକୁ ଆଗ ଜଣେ ଦେବତାଙ୍କୁ ଅର୍ପଣକରି ତାପରେ ଏକାଠି ତରକାରିକରି ଲୋକେ ଖାଇ ଥାଆନ୍ତି । ସେତେବେଳେ ଆଳୁ ଉତ୍ପାଦନ ହୋଇ ନ ଥାଏ ବୋଲି ହିଷ୍ଟପୂ ଘାଣ୍ଟ ତରକାରିରେ ଆଳୁ ପଡ଼େ ନାହିଁ । ଏହାଛଡ଼ା ଆଳୁ ଓ ବିଲାତି ବାଇଗଣ ବହୁ ପରେ ଆମ ଦେଶରେ ଚାଷ କରାଗଲା । ତେଣୁ ତାକୁ "ବିଲାତି" ଆଳୁ ଓ "ବିଲାତି" ବାଇଗଣ ବୋଲି ନାମ ଦିଆଯାଇଛି । ଯାହାହେଉ ଏହି ଦୁତି ବାହାନ ଓଷା ଓ ଘାଣ୍ଟ ତରକାରି ପୂରାପୂର ଏକ କୃଷିଭିତ୍ତିକ ପର୍ବରୂପେ ପାଳିତ ହୋଇଆସୁଛି ।

● ● ●

Digitized by srujanika@gmail.com

ଶୀତଦିନ ସଂକ୍ରାନ୍ତିରେ
କି ଭୋଗ ହୁଏ ?

ଶୀତଦିନ ଶେଷଭାଗରେ ସୌର ଗଣନା ଅନୁସାରେ ଯେଉଁ ଦୁଇଟି ସଂକ୍ରାନ୍ତି ପଡ଼େ ତା ହେଲା-ଧନୁ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତି । ଶୀତଋତୁରେ ବଡ଼ ଓଷାଠାରୁ ଆରମ୍ଭ କରି ମାଣବସା ପର୍ଯ୍ୟନ୍ତ ଯେଉଁ ମୁଖ୍ୟ କୃଷିଭିତ୍ତିକ ପର୍ବମାନ ପାଳିତ ହୁଏ । ତାଭିତରେ ଧନୁ-ସଂକ୍ରାନ୍ତି ଓ ମକର ସଂକ୍ରାନ୍ତି ଅନ୍ୟତମ । ଧନୁସଂକ୍ରାନ୍ତିରେ ଠାକୁରଙ୍କ ପାଖରେ ମୁଆଁ ଭୋଗ ହୁଏ ତାକୁ କହନ୍ତି ଧନୁମୁଆଁ । ଖଇକୁ ଗୁଡ଼ରେ ପାଗକରି ସେଥିରେ ନଡ଼ିଆ ଦେଇ ଯେଉଁ ମୁଆଁ ପ୍ରସ୍ତୁତ କରାଯାଏ ତାହା ଚାଉଳ ଜାତୀୟ ପଦାର୍ଥରେ ନିର୍ମିତ ଏକ ସୁସ୍ୱାଦୁ ଖାଦ୍ୟପଦାର୍ଥ । ଏହି ମୁଆଁକୁ ଗୃହିଣୀମାନେ ତିଆରିକରି ଅନେକ ଦିନ ପର୍ଯ୍ୟନ୍ତ ରଖି କରନ୍ତି ।

ସେହିପରି ମକର ସଂକ୍ରାନ୍ତିରେ ଚାଉଳରେ ଗୁଡ଼, ନଡ଼ିଆ, ଛେନା ସହିତ ମିଶାଇ ମକର ଚାଉଳ ପ୍ରସ୍ତୁତକରି ଠାକୁରଙ୍କ ନିକଟରେ ଭୋଗ ଦିଆଯାଏ । ଚାଉଳ ଜାତୀୟ ଖାଦ୍ୟ ପଦାର୍ଥରୁ ପ୍ରସ୍ତୁତ ଏହି ମକର ଚାଉଳ ଏକ ସୁସ୍ୱାଦୁ ଖାଦ୍ୟ । ଏହାଛଡ଼ା ମକର ସଂକ୍ରାନ୍ତିଦିନ ଚାଉଳ, ଗହମ ଓ ବୁଟକୁ ଭାଜି ତାକୁ ଚୂରି ସେହି ଚୂନାରେ ଗୁଡ଼, ନଡ଼ିଆ ଓ ଛେନା ଆଦି ଦେଇ ଛତୁଆ ପ୍ରସ୍ତୁତ କରି ତାହା ଠାକୁରଙ୍କ ପାଖରେ ଭୋଗ ଦିଆଯାଏ । ଛତୁ ଏକ ସୁସ୍ୱାଦ ଓ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ, ମାତ୍ର ଏହାକୁ ପ୍ରସ୍ତୁତ କରିବା ସମୟ ସାପେକ୍ଷ ବୋଲି ଏହାର ବ୍ୟବହାର ବିରଳ ।

ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ଆରମ୍ଭରୁ ବର୍ଷ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପର୍ବ ପର୍ବାଣୀରେ ପ୍ରଧାନ ଖାଦ୍ୟଶସ୍ୟ ଚାଉଳରୁ ପ୍ରସ୍ତୁତ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ଖାଦ୍ୟପଦାର୍ଥର ବ୍ୟବହାରରୁ ପ୍ରମାଣିତ ହୁଏ ଯେ ଅନ୍ୟାନ୍ୟ ରାଜ୍ୟପରି ଓଡ଼ିଶା ଭୌଗୋଳିକ କାରଣ ଯୋଗୁ ଏବେ ମଧ୍ୟ କୃଷିଭିତ୍ତିକ

Digitized by srujanika@gmail.com

ସଭ୍ୟତା ଓ ପରମ୍ପରାର ଅଂଶ ବିଶେଷ ହୋଇ ରହିଛି । ଏହିସବୁ ଖାଦ୍ୟପଦାର୍ଥ ଏବଂ ମଧ୍ୟ ଆମେ ଆମର ଆରାଧ୍ୟ ଦେବାଦେବୀଙ୍କୁ ଅର୍ପଣ କରୁଥିଲେ ମଧ୍ୟ ଏହା ସମସ୍ତ ସାପେକ୍ଷ ହୋଇ ଆମେ ନିଜେ ଏଭଳି ସୁସ୍ୱାଦୁ ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରୁ ନାହୁଁ । ଯେଉଁସବୁ ଖାଦ୍ୟ ପଦାର୍ଥ କଳ ସାହାଯ୍ୟରେ ପ୍ରସ୍ତୁତ ହୋଇ ସହଜରେ ଆମକୁ ମିଳି ଯାଉଛି ତାକୁ ଆମେ ଅଧିକାଂଶ ସମୟରେ ବ୍ୟବହାର କରୁଛୁ । ଯାହାହେଉ ଏହି ସମସ୍ତ ଖାଦ୍ୟ ପଦାର୍ଥ ତଥା ଯେଉଁ ସମୟରେ ସେସବୁ ପ୍ରସ୍ତୁତ କରାଯାଉଛି ତାହା ଆମ ସଭ୍ୟତା, ସଂସ୍କୃତି ଓ ପରମ୍ପରା କୃଷିଭିତ୍ତିକ ବୋଲି ସ୍ମରଣ କରାଇ ଦେଉଛି ।

* * *

Digitized by srujanika@gmail.com

ବର୍ଷା ଓ ଶରତ ଋତୁର ଐତିହାସିକ ଓ ପୌରାଣିକ ପର୍ବ

ବର୍ଷା ଓ ଶରତ ଋତୁରେ କୃଷିଭିତ୍ତିକ ପର୍ବ-ପର୍ବାଣିର ସଂଖ୍ୟା କମ ହେଲେ ମଧ୍ୟ ଅନେକ ଗୁଡ଼ିଏ ଐତିହାସିକ ଓ ପୌରାଣିକ ପର୍ବ ଅନୁଷ୍ଠିତ ହୁଏ । ସେଥି ଭିତରୁ କେବଳ ରଥ ଯାତ୍ରା ଯାହାକି ଆଷାଢ଼ ମାସ ପ୍ରଥମ ଭାଗରେ ଅନୁଷ୍ଠିତ ହୁଏ ତାହା ଓଡ଼ିଶାର ଏକ ଐତିହାସିକ ପର୍ବ । ବହୁ ପ୍ରାଚୀନକାଳରୁ ଓଡ଼ିଶାରେ ଏହି ଐତିହାସିକ ରଥଯାତ୍ରା ପର୍ବ ପାଳିତ ହୋଇଆସୁଛି । କୃଷିଭିତ୍ତିକ ସଭ୍ୟତା ଓ ସଂସ୍କୃତି ସହିତ ଏହାର କୌଣସି ସଂପର୍କ ନାହିଁ । ଏହା ଓଡ଼ିଶାର ଏକ ପ୍ରଧାନ ପର୍ବ ଏବଂ ଯେଉଁଠି ଜଗନ୍ନାଥ ମନ୍ଦିର ରହିଛି ସେଠାରେ ଏହି ପର୍ବ ପାଳିତ ହୋଇଥାଏ । ମାତ୍ର ଓଡ଼ିଶାର ପରିବାର ଭିତରେ ସେଦିନ କୌଣସି ପର୍ବ ଅନୁଷ୍ଠିତ ହୁଏ ନାହିଁ । ରଥଯାତ୍ରା ବ୍ୟତୀତ ବର୍ଷାଋତୁରେ ରାଧା କୃଷ୍ଣଙ୍କ ଝୁଲଣ ଯାତ୍ରା ଓ ଗହ୍ମା ପୂର୍ଣ୍ଣମୀ ଦିନ ବଳଭଦ୍ରଙ୍କ ଜନ୍ମ ଦିବସ ପାଳିତ ହୁଏ ଏବଂ ଏହା ପରେ ଭାଦ୍ରବମାସ ଶେଷ ହେବା ଭିତରେ ଅର୍ଥାତ୍ ଧାନ କଟା ହେବା ଭିତରେ କୃଷ୍ଣଜନ୍ମ, ଗଣେଶପୂଜା, ରାଧାଷ୍ଟମୀ ଓ ଦୀପାବଳୀ ପ୍ରଭୃତି ସର୍ବ ଭାରତୀୟ ଗୁରୁତ୍ୱପୂର୍ଣ୍ଣ ପର୍ବମାନ ପାଳିତ ହୁଏ । ମାତ୍ର ଏଗୁଡ଼ିକ ପୌରାଣିକ ପର୍ବ, ପୁରାଣ ବର୍ଣ୍ଣିତ ଆଖ୍ୟାନ ଅନୁସାରେ ଏହିସବୁ ପର୍ବପାଇଁ ଯେଉଁ ଦିନ ଧାର୍ଯ୍ୟ କରାଯାଇଛି ସେହିଦିନ ସମଗ୍ର ଭାରତରେ ସେହିସବୁ ଦିନ ଏହି ପର୍ବ ପାଳିତ ହୁଏ । ଏହି ସମୟରେ ଯେତେବେଳେ କି କୃଷୀମାନେ କୃଷିକାମରେ ଲାଗିଥାନ୍ତି ସେମାନଙ୍କର ସମୟ ନ ଥାଏ । ତେଣୁ କୌଣସି କୃଷିଭିତ୍ତିକ ପର୍ବ ପାଳିତ ହୁଏ ନାହିଁ । ଓଡ଼ିଶା ପରି ଭାରତ ବର୍ଷର ଅନ୍ୟ ରାଜ୍ୟରେ ତଥା ପୃଥିବୀର ବିଭିନ୍ନ ଦେଶରେ ଯେଉଁଠି ପ୍ରଥମେ କୃଷି ସଭ୍ୟତା ପ୍ରତିଷ୍ଠିତ ହୋଇଥିଲା ସେଠାରେ କୃଷି କାର୍ଯ୍ୟ

Digitized by srujanika@gmail.com

ସ୍ଥଳଥିଲା ବେଳେ କୌଣସି କୃଷିଭିତ୍ତିକ ପର୍ବ ନ ଥାଏ । କୃଷି ଉତ୍ପାଦନ ପରେ ଏହି ପର୍ବମାନ ଅନୁଷ୍ଠିତ ହୁଏ । ଅବଶ୍ୟ କୃଷି ଉତ୍ପାଦନ ପୃଥିବୀର ସବୁ ଦେଶରେ ଏକ ସମୟରେ ହୁଏ ନାହିଁ । ଭାରତର ସବୁ ଅଞ୍ଚଳରେ ମଧ୍ୟ ଏକ ସମୟରେ କୃଷିକାର୍ଯ୍ୟ ହୁଏ ନାହିଁ । ଯେଉଁଠି ଯେଉଁ ସମୟରେ ଧାନ ବା ଗହମ ଅମଳ ହୁଏ ସେଠାରେ ସେହି ସମୟରେ ହିଁ ବିଭିନ୍ନ ପ୍ରକାର କୃଷିଭିତ୍ତିକ ପର୍ବମାନ ପାଳିତ ହୋଇଥାଏ । ଯେଉଁଠି କୃଷି ସଭ୍ୟତା ପରେ ଶିଳ୍ପସଭ୍ୟତା ପ୍ରସାର ଲାଭ କଲାଣି ସେଠାରେ ମଧ୍ୟ କୃଷି ସଭ୍ୟତାର ଅବଶେଷ ସ୍ୱରୂପ ପୂର୍ବର କେତେକ କୃଷିଭିତ୍ତିକ ପର୍ବ ପାଳିତ ହେଉଛି ।

● ● ●

Digitized by srujanika@gmail.com

ସମସ୍ତଙ୍କ ଘରେ ତୁଳସୀ ଚଉରାଟିଏ ଥାଏ କାହିଁକି ?

ପ୍ରତ୍ୟେକ ଗୃହସ୍ଥଙ୍କ ଘର ଭିତରେ ବା ଦାଣ୍ଡ ଦୁଆର ନିକଟରେ ଗୋଟିଏ ତୁଳସୀ ଚଉରା ଥାଏ । ଗୋଟିଏ ଉଚ୍ଚ କୁଣ୍ଡି ଭିତରେ ତୁଳସୀ ଗଛଟିଏ ରହିଥାଏ । ସେହି ତୁଳସୀ ଗଛଟି ମରିଗଲା କ୍ଷଣି ତା ସ୍ଥାନରେ ଆଉ ଗୋଟିଏ ଗଛ ଲଗେଇ ଦିଆହୁଏ । ତେଣୁ ଚଉରାରେ ସବୁବେଳେ ତୁଳସୀ ଗଛଟିଏଥାଏ । ତୁଳସୀ ଚଉରା ମୂଳରେ ଗୋଟିଏ ଚଉତରା ହୋଇଥାଏ । ଏହି ତୁଳସୀ ଗଛଟିକୁ ବଞ୍ଚେଇ ରଖିବାପାଇଁ ଗୃହସ୍ଥ ଗାଧୋଇ ଆସି ଆଗ ତୁଳସୀ ଗଛମୂଳରେ ଲୋଟାଏ ପାଣି ଢାଳିଦେଇ ତାପରେ ଘରକୁ ଯାଆନ୍ତି । ଏହା ତାଙ୍କର ନିତ୍ୟକର୍ମ ବା ଧର୍ମ ବୋଲି



ବିବେଚିତ ହୁଏ । ସନ୍ଧ୍ୟାବେଳେ ବୋହୂମାନେ ତୁଳସୀ ଚଉରାକୁ ଧୂପ ଓ ଦୀପଦେଇ ପୂଜା କରିଥାନ୍ତି । ଧର୍ମ ଅର୍ଜନର ଏହା ଏକ ସାଧନ ବୋଲି

Digitized by srujanika@gmail.com

ମନେ କରାଯାଏ । ତୁଳସୀଗଛ ମରିଗଲେ ଏହି ଗଛକୁ ଖଣ୍ଡ ଖଣ୍ଡ କରି କାଟି ସେଥିରେ ମାଳା ତିଆରି କରାଯାଏ ଓ କେତେକ ଧର୍ମପ୍ରାଣ ବ୍ୟକ୍ତି ତୁଳସୀମାଳା ସବୁବେଳେ ପିନ୍ଧନ୍ତି ଓ ସେଥିରେ ଜପ କରନ୍ତି ।

ଉଦ୍‌ଭିଦ ଜଗତର ପ୍ରତୀକରୂପେ ତୁଳସୀଗଛକୁ ମନୁଷ୍ୟ ଏହି ସମ୍ମାନ ଓ ଆତ୍ମୀୟତା ଦେଖାଇ ଥାଏ । ପ୍ରକୃତି ପ୍ରଥମେ ଉଦ୍‌ଭିଦରେ ଜୀବନର ସଞ୍ଚାର କରିଥିଲା । ତାପରେ ଜୀବଜନ୍ତୁ ଓ ଶେଷରେ ମନୁଷ୍ୟ ସୃଷ୍ଟି କଲା । ଜୀବନର ସତ୍ତା ରହିଥିବାରୁ ଉଦ୍‌ଭିଦ ଓ ଜୀବଜନ୍ତୁଙ୍କ ପ୍ରତି ମନୁଷ୍ୟ ସମ୍ମାନ ଦେଇଥାଏ ଓ ଆତ୍ମୀୟତା ଦେଖାଇଥାଏ । କାଳକ୍ରମେ ପର୍ଯ୍ୟବେକ୍ଷଣ ଓ ପରୀକ୍ଷା ଫଳରେ ମନୁଷ୍ୟ ଜାଣିଲା ଯେ କେବଳ କେତେକ ଗଛ ଓ ଲତାରୁ ସେ ଯେ ତାର ଖାଦ୍ୟଶସ୍ୟ ସଂଗ୍ରହ କରୁଛି ସେତିକ ନୁହେଁ, କେତେକ ଗଛଲତା ତାର ରୋଗର ଆରୋଗ୍ୟପାଇଁ ମଧ୍ୟ ଦରକାର । ଅନ୍ୟ କେତେକ ଗଛର ଚେର, ମୂଳ ଓ ପତ୍ରପରି ତୁଳସୀଗଛର ପତ୍ରର ରସ କେତେକ ରୋଗର ଆରୋଗ୍ୟପାଇଁ ଦରକାର । ତୁଳସୀ ପତ୍ରର ସୁଗନ୍ଧ ଘରର ବାୟୁମଣ୍ଡଳକୁ ଶୁଦ୍ଧ ରଖିବାରେ ସାହାଯ୍ୟ କରେ । ତୁଳସୀପତ୍ର ରସରେ ଏହି ଗୁଣଥିବରୁ ପିଲାର ଭଲଗୁଣ ବର୍ଣ୍ଣନା କଲାବେଳେ ତୁଳସୀ ଦୁଇପତ୍ରରୁ ବାସେ ବୋଲି କୁହାଯାଏ । ଏଥିପାଇଁ ତୁଳସୀ ଗଛକୁ ଉଦ୍‌ଭିଦର ପ୍ରତୀକ ରୂପେ ସ୍ୱୀକାର କରାଯାଇଛି ।

ତୁଳସୀ ଗଛ ପ୍ରତି ଏହି ଆତ୍ମୀୟତା ଓ ସମ୍ମାନ ଆମ ଦେଶରେ କୃଷି ସଭ୍ୟତା ଓ ସଂସ୍କୃତିର ଅବଶେଷ ମାତ୍ର । ସେଥିପାଇଁ ଆମ ଦେଶରେ ପ୍ରଧାନ କୃଷି ଉତ୍ପାଦନ ଧାନ ପ୍ରତି ଦେଶବାସୀ ଯେଉଁ ଭଳି ସମ୍ମାନ ପ୍ରଦର୍ଶନ କରିଥାନ୍ତି ତୁଳସୀ ଗଛପ୍ରତି ସେହିଭଳି ସମ୍ମାନ ପ୍ରଦର୍ଶନ କରନ୍ତି । କାର୍ତ୍ତିକ ମାସ ଶେଷରେ ଯେତେବେଳେ ପ୍ରଥମେ ଧାନ ଅମଳ ହୁଏ ଖାଦ୍ୟରୂପେ ବ୍ୟବହାର କରିବା ପୂର୍ବରୁ ତାହା ଶିବଙ୍କୁ ଆଗ ଅର୍ପଣ କରାଯାଏ । କାର୍ତ୍ତିକମାସ ପୂର୍ଣ୍ଣମୀ ଦୁଇଦିନ ଥାଇ ତ୍ରୟୋଦଶୀ ଦିନ ପ୍ରଥମ ଅମଳ କରାଯାଇଥିବା ଧାନର ଚାଉଳକୁ ଗୁଣ୍ଡକରି ସେଥିରେ ଗୁଡ଼ ନଡ଼ିଆ ଆଦିଦେଇ "ତରଣ" ତିଆରି କରି ଶିବଙ୍କୁ ଅର୍ପଣ କରାଯାଇ ପରେ ତାକୁ ଖାଦ୍ୟରୂପେ ଉପଭୋଗ କରାଯାଏ । ସେହି ସମୟରେ ହିଁ ତୁଳସୀ ଗଛପ୍ରତି ସର୍ବାପେକ୍ଷା ଅଧିକ ସମ୍ମାନ ପ୍ରଦର୍ଶନ କରାଯାଇଥାଏ ।

Digitized by srujanika@gmail.com

କାର୍ତ୍ତିକମାସ ଶେଷ ପାଞ୍ଚଦିନ ପଞ୍ଚକ ପର୍ବ ଭାବରେ ପାଳିତ ହୁଏ । ସେତେବେଳେ ଗୃହସ୍ଥମାନେ ଖୁବ୍ ଭୋରରୁ ଗାଧୋଇ ତୁଳସୀ ଚଉରାରେ ପାଣିଦେଇ ପୂଜା କରିଥାନ୍ତି । ପଞ୍ଚୁକ ଆରମ୍ଭ ହେବା ପୂର୍ବରୁ ତୁଳସୀ ଚଉରା ମୂଳ ଚଉତରା ଲିପାପୋଛା ହୋଇ ସେଥିରେ ମୁରୁଜ ପଡ଼େ । ସେହି ମୁରୁଜ ନୂଆ ଧାନ ଗୁଣ୍ଡକ ଚୂନାରେ ତିଆରି । କାର୍ତ୍ତିକ ମାସରେ ପ୍ରତି ତୁଳସୀ ଚଉରାରେ ଖଣ୍ଡିଏ ବାଉଁଶ ପୋତାଯାଇ ତା ଉପରେ ଗୋଟିଏ ଦୀପ ଜଳେଇ ରଖାଯାଏ । ଏହାକୁ କହନ୍ତି ଆକାଶ ଦୀପ, ଯାହା ହେଉ ଏଥିରୁ ପ୍ରମାଣିତ ହେଉଛି ଯେ ତୁଳସୀ ଗଛ କୃଷି ସଭ୍ୟତା ଓ ସଂସ୍କୃତିର ଅବଶେଷରୂପେ ଆଜି ମଧ୍ୟ ସମ୍ମାନ ଲାଭ କରୁଛି ।

ଉଦ୍ଭିଦ ଜଗତର ପ୍ରତୀକରୂପେ ତୁଳସୀ ଗଛପ୍ରତି ଗୃହସ୍ଥମାନେ ବହୁ ଅତୀତ କାଳରୁ ଯେଉଁ ଆତ୍ମୀୟତା ଓ ସମ୍ମାନ ଦେଖାଇ ଆସିଥିଲେ ଆଜି ଆନୁଷ୍ଠାନିକ ଭାବରେ ସେହି ସମ୍ମାନ ପ୍ରଦର୍ଶନ କରାଯାଉଥିଲେ ମଧ୍ୟ ସେଥିରେ ଆଉ ଆନ୍ତରିକତା ନାହିଁ । ବୃକ୍ଷଲତା ପ୍ରତି ମନୁଷ୍ୟର ପୂର୍ବପରି ମମତା ନାହିଁ । ଗୋଟିଏ ଗଛ ମରିଗଲେ ବା ଭାଙ୍ଗି ପଡ଼ିଲେ ତା ସ୍ଥାନରେ ଆଉ ଗୋଟିଏ ଗଛ ଲଗେଇ ଦେବାପାଇଁ ଆଗ୍ରହ ନାହିଁ । ଖାଲିଯାଗା ମାନଙ୍କରେ ବିଭିନ୍ନ ପ୍ରକାର ଗଛ ଲଗେଇ ପରିବେଶକୁ ମନୁଷ୍ୟର ଅନୁକୂଳ କରି ରଖିବା ସଙ୍ଗେ ସଙ୍ଗେ ଅମ୍ଳଜାନବାଷ୍ପ ପାଇବାର ମନୋବୃତ୍ତି ନାହିଁ । ପରିବେଶକୁ ଆର୍ଦ୍ର, ଶୀତଳ ଓ ଶୁଦ୍ଧ କରି ରଖିବାପାଇଁ ଯେତିକି ଜଙ୍ଗଲ ରହିବାକଥା ତାହା ନାହିଁ । ଜଙ୍ଗଲକୁ କାଟି ସଫାକରି ଦିଆ-ଯାଉଛି । ଏଥିରୁ ରକ୍ଷା ପାଇବାକୁ ହେଲେ ବୃକ୍ଷଲତା ପ୍ରତି ଆମକୁ ପୂର୍ବ ମମତା ଓ ସମ୍ମାନ ପ୍ରଦର୍ଶନ କରିବାକୁ ହେବ ଏବଂ ବୃକ୍ଷଲତାର ପ୍ରତୀକ ତୁଳସୀ ଗଛକୁ ତାର ପୂର୍ବ ମହିମାରେ ଅଧିଷ୍ଠିତ କରିବାକୁ ହେବ ।

● ● ●

Digitized by srujanika@gmail.com

ଗାଈକୁ କାହିଁକି ପୂଜା କରାଯାଏ ?

ଆମ ଦେଶରେ ଉଦ୍‌ଭିଦ ଜଗତର ପ୍ରତୀକରୂପେ ତୁଳସୀଗଛକୁ ଆମେ ଯେପରି ସମ୍ମାନ କରୁ ସେହିପରି ପଶୁଜଗତର ପ୍ରତୀକରୂପେ ଗାଈକୁ ଆମ ଦେଶରେ ଉଚ୍ଚ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଗାଈ ଗୃହପାଳିତ ପଶୁ ଜଗତର ପ୍ରତୀକ କାହିଁକି ହେଲା ? ଗାଈ ସର୍ବାପେକ୍ଷା ନିରୀହ ପଶୁ । କେବଳ ଗାଈ ଜନ୍ମ କଲାବେଳେ ତାର ଶ୍ରେଷ୍ଠ ବାଛୁରୀ ପାଖକୁ ଅନ୍ୟ କେହି ଗଲେ ସେ ସିଙ୍ଘ ହଲାଇ ତାକୁ ବାଧାଦିଏ । ତା ନହେଲେ ଗାଈ କେବେହେଲେ ମନୁଷ୍ୟକୁ ଏମିତିକି ଶ୍ରେଷ୍ଠ ଛୁଆଟିକୁ ମଧ୍ୟ ଆକ୍ରମଣ କରେ ନାହିଁ । ଗାଈକୁ ସମସ୍ତେ ବାଡ଼େଇ ଘଉଡ଼େଇ ଦିଅନ୍ତି । ଗାଈଦୁଧ ପିଲାଙ୍କର ପ୍ରଧାନ ଖାଦ୍ୟ । ନିରାମିଷ ଆହାରୀମାନେ ଗାଈ ଦୁଧରୁ ତାଙ୍କ ଶରୀର ପାଇଁ ଆବଶ୍ୟକ ସହାୟକ ଖାଦ୍ୟ ପଦାର୍ଥ ପାଇଥାନ୍ତି । ଗାଈର ଗୋବର ଓ ମୂତ୍ର ଖାଦ୍ୟଶସ୍ୟ ଓ ଫଳଫଳିବା ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରେ । ଏବେ ଗୋବରରୁ ଗ୍ୟାସ ପ୍ରସ୍ତୁତ କରାଯାଇ ତାକୁ ରନ୍ଧନ ଓ ଆଲୋକ ଦାନ କାର୍ଯ୍ୟରେ ବ୍ୟବହାର କରାଯାଉଛି । ଗାଈଠାରୁ ମିଳୁଥିବା ପଦାର୍ଥ ଭିତରେ ଦୁଧ ପ୍ରଧାନ ଜିନିଷ ବୋଲି ଯାହା ମନେ କରାଯାଉଥିଲା ତାର ପରିବର୍ତ୍ତନ ଘଟିଛି । ଦୁଧଛଡ଼ା ଗାଈଠାରୁ ଅନ୍ୟ ଯେଉଁସବୁ ଉପକାର ମିଳୁଛି ସେଥିରେ ଦୁଧ ବର୍ତ୍ତମାନ ଗାଈର ଉପଜାତ ବା ବାଇପ୍ରଡ଼କ୍ଟ ବୋଲି ମନେ କରାଯାଉଛି । ଗାଈଠାରୁ ଏହିସବୁ ଜୀବନ ରକ୍ଷାକାରୀ ପଦାର୍ଥମାନ ମିଳୁଥିବାରୁ ଗାଈକୁ ଗୃହପାଳିତ ପଶୁ ଜଗତର ପ୍ରତୀକ ବୋଲି ସମ୍ମାନ ଦିଆଯାଉଛି ।

ମନୁଷ୍ୟ ଗାଈଛଡ଼ା ବଳଦ, ଛେଳି, ମେଣ୍ଢା, ବିରାଡ଼ି ଓ କୁକୁର ପ୍ରଭୃତି ପଶୁଙ୍କୁ ଗୃହପାଳିତ କରି ରଖିଛି । ସେମାନଙ୍କ ଠାରୁ କିଛି ଉପକାର ମଧ୍ୟ ପାଉଛି, ମାତ୍ର ଗାଈକୁ ପାଳନ କରିବା ଫଳରେ ମନୁଷ୍ୟ ସବୁଠୁ ଅଧିକ ଉପକୃତ ହୁଏ, ତେଣୁ ଗାଈକୁ ଗୃହପାଳିତ ପଶୁଭିତରେ ସର୍ବାଧିକ ସମ୍ମାନ ଦିଆଯାଉଛି ।

Digitized by srujanika@gmail.com

ପଶୁ ଜଗତର ପ୍ରତୀକ ଗାଈ କୃଷି ସଭ୍ୟତାର ଅବଶେଷ ରୂପେ ବହୁ ଅତୀତ କାଳରୁ ସମ୍ମାନ ଲାଭ କରିଆସୁଛି । କୃଷି ସଭ୍ୟତାରେ ପ୍ରଧାନ କୃଷିଜାତ ପଦାର୍ଥକୁ ଯେପରି ସମ୍ମାନ ଦିଆଯାଏ ଏବଂ ସେଥିପାଇଁ ବର୍ଷଭିତରେ କୃଷି ଉତ୍ପାଦନ ବେଳେ ସ୍ୱତନ୍ତ୍ର ପର୍ବମାନ ଅନୁଷ୍ଠିତ ହୋଇ କୃଷିଜାତ ପଦାର୍ଥକୁ ପ୍ରଥମେ ଉପଭୋଗ କରାଯାଏ, ସେହିପରି ବର୍ଷକରେ ଗୋଟିଏ ଦିନ ଗାଈଙ୍କୁ ପୂଜା କରାଯାଇଥାଏ । ସେଦିନଟି ହେଲା ଶ୍ରାବଣ ପୂର୍ଣ୍ଣିମୀ । ସେଦିନ ବଳଭଦ୍ରଙ୍କ ଜନ୍ମଦିବସ । ସେଦିନ ବଳଭଦ୍ର ହଳ-ଲଙ୍ଗଳ ଧରି ପୃଥିବୀକୁ ଆସିଥିଲେ ବୋଲି ବର୍ଣ୍ଣିତ ଅଛି ପୁରାଣରେ । ସେତେବେଳେ ଘୋର ବର୍ଷାଦିନ, କୃଷି କାର୍ଯ୍ୟ ଜୋରସୋରରେ ଚାଲିଥାଏ । ସେଦିନ ଗୃହସ୍ଥମାନେ ଗୋରୁଗାଈଙ୍କୁ ସଫାସଫି କରି ତାଙ୍କ ଦେହରେ ତେଲ ଲଗାଇ ଦିଅନ୍ତି । ଶିଙ୍ଗକୁ ଚୂନାକାଳି ଲଗାଇ ଦିଅନ୍ତି । ଗାଈ ଗୋରୁଙ୍କୁ ଭଲକରି ଖାଇବାକୁ ଦିଅନ୍ତି । ତେଣୁ ଗୋଜାତି ପ୍ରତି ଏହି ସମ୍ମାନ କୃଷି ସଭ୍ୟତାର ଅବଶେଷ ବୋଲି କୁହାଯାଇପାରେ ।

ମନୁଷ୍ୟ ସଭ୍ୟତାର ଆଦିଯୁଗରେ ଯେଉଁସବୁ ଭୟଙ୍କର ହିଂସ୍ର ଜନ୍ତୁ ବଣ ଜଙ୍ଗଲରେ ରାଜତ୍ୱ କରୁଥିଲେ ତାଙ୍କୁ ଜବତ କରିବା ପାଇଁ ମନୁଷ୍ୟକୁ ପଥରରେ ପ୍ରଥମେ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ତିଆରି କରିବାକୁ ପଡ଼ିଲା । ନିଜର ଲକ୍ଷ୍ୟ ସାଧନ କରିବାପାଇଁ ସେ ବିଭିନ୍ନ ଆକାର ପ୍ରକାରର ଅସ୍ତ୍ରମାନ ନିର୍ମାଣ କଲା । ସେଥିରେ ସମାନୁପାତ ଜ୍ଞାନର ଆବଶ୍ୟକତା ପଡ଼ିଲା । ଏହା କରିବା ଫଳରେ ମନୁଷ୍ୟ ବୁଦ୍ଧିର ବିକାଶ ଘଟିଥିଲା । ହିଂସ୍ରଜନ୍ତୁଙ୍କୁ ଜବତ କରିବା ପାଇଁ ମନୁଷ୍ୟ ସକ୍ଷମ ହେବାପରେ ନିରୀହ ପଶୁମାନଙ୍କୁ ମନୁଷ୍ୟ ଗୃହପାଳିତ କରି ରଖିଲା । ଗୃହପାଳିତ ପଶୁ ଭିତରେ ଗାଈ ହେଲା ସର୍ବାପେକ୍ଷା ନିରୀହ ଓ ଉପକାରୀ ପଶୁ । ତେଣୁ ମନୁଷ୍ୟ ଗୃହପାଳିତ ପଶୁଙ୍କୁ ପ୍ରତୀକ ରୂପେ ଗାଈକୁ ଅନ୍ୟ ପଶୁଙ୍କ ଅପେକ୍ଷା ଅଧିକ ସମ୍ମାନ ଦେଖାଇଥିଲା ।

ଗାଈ କେବଳ କୃଷିସଭ୍ୟତାର ଅବଶେଷ ବୋଲି ନୁହେଁ ଗାଈକୁ ସମ୍ମାନ ଦେଖାଇବା ପଛରେ ଏକ ଗଭୀର ଦାର୍ଶନିକ ତତ୍ତ୍ୱ ରହିଛି । ଭାରତୀୟ ଦର୍ଶନ ଅନୁଯାୟୀ ଯେଉଁ ଜୀବନ ବା ଆତ୍ମା ମନୁଷ୍ୟ ଭିତରେ

Digitized by srujanika@gmail.com

ରହିଛି ସେହି ଆତ୍ମା ପଶୁଙ୍କ ଭିତରେ ମଧ୍ୟ ଅଛି । ତେଣୁ ମନୁଷ୍ୟ ଅନ୍ୟ ମନୁଷ୍ୟଙ୍କ ପ୍ରତି ଯେଉଁଥିପାଇଁ ସମ୍ମାନ ପ୍ରଦର୍ଶନ କରୁଛି ସେଇଥି ପାଇଁ ପଶୁଙ୍କ ପ୍ରତି ସମ୍ମାନ ଦେଖାଇବା ଉଚିତ । ଏହି ତତ୍ତ୍ୱପ୍ରତି ଅଙ୍ଗୀ-ତରେ ସମ୍ମାନ ଦେଖାଇ ମନୁଷ୍ୟ ପଶୁ ଜଗତର ପ୍ରତୀକ ଗାଈକୁ ପୂଜା କରିଥାଏ । ଏହା ବସ୍ତୁତଃ ଆତ୍ମାପ୍ରତି ସମ୍ମାନ ।

ଆମ ଦେଶରେ ଗାଈକୁ ଗୋମାତା ଭାବରେ ଆନୁଷ୍ଠାନିକ ଭାବରେ ପୂଜା କଲେ ମଧ୍ୟ ଗୋମାତା ପ୍ରତି ପୂର୍ବର ସମ୍ମାନ ନାହିଁ । ଓଡ଼ିଶାର ଗ୍ରାମାଞ୍ଚଳରେ ଗାଈ ଗୋରୁଙ୍କୁ ନିଜର ଖାଦ୍ୟ ନିଜେ ଯୋଗାଡ଼ କରିବାକୁ ହୁଏ । ଗାଈ ଚରିବୁଲି ଘରକୁ ଫେରିଲେ କୁଣ୍ଡାକୁ ପାଣି ତୋରାଣିରେ ମିଶାଇ ଦେଇଦେଲେ ଗୃହସ୍ଥର ଗାଈଙ୍କ ପ୍ରତି କର୍ତ୍ତବ୍ୟ ଶେଷ ହୋଇଯାଏ । ତାଙ୍କମାନଙ୍କୁ ହୃଷ୍ଟପୁଷ୍ଟ କରି ରଖିବାପାଇଁ ଯେଉଁସବୁ ଖାଦ୍ୟପଦାର୍ଥ ଦରକାର ତାହା ସେମାନଙ୍କୁ ଦିଆଯାଉ ନାହିଁ, ସେମାନଙ୍କ ବିଶ୍ରାମ ସ୍ଥାନକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ କରି ରଖାଯାଉ ନାହିଁ । ଗାଈ ଅସୁସ୍ଥ ହେଲେ ବିଧିବଦ୍ଧ ଭାବରେ ଚିକିତ୍ସା କରାଯାଏ ନାହିଁ । ତେଣୁ ସେମାନଙ୍କଠାରୁ ଯାହା ପାଇବା କଥା ତାହା ମିଳେ ନାହିଁ । ଅନ୍ୟ ପକ୍ଷରେ ପାଶ୍ଚାତ୍ୟ ଦେଶମାନଙ୍କରେ ମନୁଷ୍ୟଙ୍କ ଭଳି ଗାଈ ଗୋରୁଙ୍କ ପାଇଁ ସ୍ୱତନ୍ତ୍ର ଓ ପ୍ରଶସ୍ତ ଗୃହମାନ ନିର୍ମାଣ କରାଯାଇଥାଏ । ତାହା ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖାଯାଇଥାଏ । ଗାଈ ଅସୁସ୍ଥ ହେଲେ ପଶୁଡାକ୍ତରଙ୍କୁ ଦେଖାଇ ଚିକିତ୍ସା ବ୍ୟବସ୍ଥା କରାଯାଏ ଓ ସେମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଦିଆଯାଏ । ତେଣୁ ଗାଈ ଗୋରୁଙ୍କ ଠାରୁ ସେମାନେ ଯଥେଷ୍ଟ ଅଧିକ ଉପକାର ପାଇଥାନ୍ତି । ଗାଈକୁ ଏହିପରି ଭାବରେ ପାଳନ କଲେ ଯାଇ ଗାଈ ପ୍ରକୃତରେ ଗୋମାତାର ସମ୍ମାନ ଫେରିପାଇବ ।

Digitized by srujanika@gmail.com